# *Question Bank With Answer Scheme*
# *Annula Exam,* CLASS-IX &X
## SUBJECT : ODIA

**I. ପ୍ରବନ୍ଧ ଲିଖନ :**

1. ସବୁ ପ୍ରକାର ବିଶୃଙ୍ଖଳା ଦିନଟିଏ - ନିଜ ଅନୁଭୂତିରୁ ବର୍ଣ୍ଣନା କର।
2. ତୁମର ପଡ଼ୋଶୀ ର ସଦ୍‌ଗୁଣ କି ବଦ୍‌ଗୁଣ କିପରି ଅନ୍ୟ ପଡ଼ୋଶୀମାନଙ୍କୁ ପ୍ରଭାବିତ କରେ ତାହା ବର୍ଣ୍ଣନା କରି ରଚନାଟିଏ ଲେଖ।
3. କ୍ରୀଡ଼ାର ମହତ୍ତ୍ୱ।
4. ଜନଜୀବନ ଉପରେ ଧାର୍ମିକ ଉତ୍ସବର ପ୍ରଭାବ।
5. ଗାଁ ହାଟ ଦୃଶ୍ୟର ବର୍ଣ୍ଣନା କର।
6. ଗଛ ଲଗାଇବା କାହିଁକି ? ଏ ସମ୍ପର୍କରେ ତୁମର ବିଚାରଧାରା ପ୍ରକଟ କର।
7. ପରିଶ୍ରମ ହିଁ ସଫଳତାର ଋବିକାଠି।

**II. ପ୍ରବାଦକୁ ନେଇ ଗଳ୍ପ ରଚନା :**

1. ଧୀର ପାଣି ପଥର କାଟେ।
2. ଅତି ଲେମ୍ବୁ ଚିପୁଡ଼ିଲେ ପିତା।
3. ଅଳ୍ପ ବିଦ୍ୟା ଭୟଙ୍କରୀ
4. ତୁଳସୀ ଦୁଇ ପତ୍ରରୁ ବାସେ।
5. ବସି ଖାଇଲେ ନଈ ବାଲି ସରେ।
6. ଶ୍ରମ ହିଁ ସୌଭାଗ୍ୟର ଜନନୀ

## ପ୍ରବନ୍ଧ ଲିଖନ

**ଉପକ୍ରମ :**

ପ୍ରତି ଦେଶରେ ଜଳବାୟୁ ତାହାର ଭୌଗଳିକ ଅବସ୍ଥିତି ଉପରେ ନିର୍ଭର କରିଥାଏ । ଭାରତବର୍ଷର ମଧ୍ୟଭାଗରେ କର୍କଟ କ୍ରାନ୍ତି ଯାଇଛି । ଆଉ ଏକ କର୍କଟ କ୍ରାନ୍ତିର ଅନେକ ଦକ୍ଷିଣକୁ ରହିଚି ଓଡ଼ିଶା । ଏହାର ପୂର୍ବରେ ରହିଚି ବଙ୍ଗୋପସାଗର । ଏହାକୁ ସ୍ପର୍ଶ କରି ସୃଷ୍ଟି କରିଚି ପାଞ୍ଚଶ କିଲୋମିଟର ଦୀର୍ଘ ବେଳାଭୂମି । ଓଡ଼ିଶାର ପଶ୍ଚିମାଂଶ ଦକ୍ଷୀଣ ଭାରତର ମାଳଭୂମିର ଅନ୍ତର୍ଗତ ।

**ଗ୍ରୀଷ୍ମପ୍ରଧାନ ଜଳବାୟୁ :**

ଭୂଗୋଳର ଏଇ ଅବସ୍ଥିତ ହେତୁ ଓଡ଼ିଶା ଗ୍ରୀଷ୍ମ କଟୀବନ୍ଧର ଅନ୍ତଃର୍ଗତ । ଏହାର ଜଳବାୟୁ ଗ୍ରୀଷ୍ମ ପ୍ରଧାନ । ଓଡ଼ିଶାରେ ସାଧାରଣ ଭାବରେ ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଏ । ଏହା ଅଗଷ୍ଟ ମଝିଯାଏ ରହେ । ଅବଶ୍ୟ ଜୁଲାଇ ଓ ଅଗଷ୍ଟ ବର୍ଷାମାସ । ବର୍ଷା ଆସେ ଜୁନ୍ ଶେଷକୁ । ବର୍ଷାକାଳ ବି ଗ୍ରୀଷ୍ମକାଳର ଅଂଶ । ତେଣୁ ଏଠି ଗ୍ରୀଷ୍ମକାଳ ରହେ ଦୀର୍ଘ ଚାରିମାସ । ସେମିତି ଦେଖିଲେ ତ ଫେବୃଆରୀ ଅଧାରୁ ଗ୍ରୀଷ୍ମ ପ୍ରଭାବ ଆରମ୍ଭ କରିଦିଏ ।

**ଗ୍ରୀଷ୍ମକାଳର ପ୍ରକୃତି :**

କବି ମଧୁସୂଦନ ରାଓ ଗୋଟିଏ କବିତାରେ କୁହନ୍ତି ;

ଗ୍ରୀଷ୍ମେ, ବୈଶାଖ, ଜ୍ୟେଷ୍ଠମାସ ।
ପ୍ରଚଣ୍ଡ ରୌଦ୍ର ପରକାଶ ।

ଏ ଦୁଇଟି ମାସ ଯାହାକି ଇଂରାଜୀ ଏପ୍ରିଲ୍ ଅଧାରୁ ଜୁନ୍ ଅଧା ଯାଏ ଲମ୍ବିଥାଏ, ଗ୍ରୀଷ୍ମର ମଧ୍ୟକାଳ । ତେଣୁ ସମୟରେ ଖରା ପ୍ରଚଣ୍ଡ ହୁଏ ।

ଗ୍ରୀଷ୍ମ କଟୀବନ୍ଧ ଓ ଅଳ୍ପ ଉଚ୍ଚ ପର୍ବତମାଳା ଯୋଗୁଁ ଏହାର ମାଟି ଉପରେ ସୂର୍ଯ୍ୟକିରଣ ପ୍ରଖର ହୋଇପଡ଼େ । ମାଟି ତହ ତହ ତାତେ । ମାଟିରୁ ଜଳ ଶୁଖେ । ତାତି ଉଠେ । ଓଡ଼ିଶାର କୂଅ, ପୋଖରୀ, ନାଳ, ନଈ, ନଦୀ ଶୁଖିଯାଏ । ଏପରିକି ବଡ଼ ବଡ଼ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଶୁଖିଯାଏ । ଗୋଟିଏ ଛୋଟ ଜଳଧାରା ନଦୀର ମଝିରେ ବା ଗୋଟିଏ କଡ଼ରେ ବହୁଥାଏ ।

**ପୁଣ୍ୟପର୍ବ :**

ଏ କାଳରେ ଚନ୍ଦନଯାତ୍ରା, ଦଣ୍ଡଯାତ୍ରା, ପହିଲା ବୈଶାଖ, ଶୀତଳ ଷଷ୍ଠୀ ପ୍ରଭୃତି ବିଭିନ୍ନ ପର୍ବ ପାଳିତ ହୁଏ । ଦଣ୍ଡ ଯାତ୍ରା ତ ଦେବୀଙ୍କ ପୂଜା । ଦଣ୍ଡ ପୂଜକମାନଙ୍କ ନିଷ୍ଠା ଦେଖିଲେ ଚମକିତ ହେବାକୁ ପଡ଼େ। ଚନ୍ଦନରେ ଠାକୁର ଚନ୍ଦନ ଚର୍ଚ୍ଚିତ ହୋଇ ନାଆ ଖେଳନ୍ତି । ଶୀତଳଷଷ୍ଠୀ ତ ହରପାର୍ବତୀଙ୍କ ବିବାହ ପାଇଁ ହୁଏ ।



ଅଦିବାସୀମାନଙ୍କ ଉଡ଼ାପର୍ବ ଶାରଳାଙ୍କ ଝାମୁଯାତ୍ରା, ସାବିତ୍ରୀ ବ୍ରତ ଓ ରଜ ମଧ୍ୟ ଏ ସମୟର ପର୍ବ । ସାବିତ୍ରୀ ନିଜର ଅପୂର୍ବ ସାଧନା ଫଳରେ ନିଜର ମୃତ ସ୍ୱାମୀଙ୍କ ଜୀବନ ଫେରେଇ ଆଣିଥିବା କଥା ସାବିତ୍ରୀ ବ୍ରତରେ ସ୍ମରିତ ହୁଏ । ଇଦ ତ ଏକ ସଂସ୍କୃତିକ ପର୍ବ। କୃଷିଭିତ୍ତିକ ଓଡ଼ିଆ ସମାଜରେ ରଜ, ଦୋଳିଗୀତ, ପିଠାପଣା, ଆନନ୍ଦ ଉତ୍ସବର ପର୍ବ ।

**ଗ୍ରୀଷ୍ମରେ ସାଧାରଣ ଜୀବନ ଯାତ୍ରା :**

ଏ କାଳରେ ଲୋକେ ସାଧାରଣ ଭାବେ ଘରଭିତରେ, ଥଣ୍ଡା ଜାଗାରେ ରହିବାକୁ ସୁଖ ପାଆନ୍ତି । ସୌଖିନ ଲୋକେ ପଖାଳ ଖାଇ, ଓଦା ପାଟିଲା ଗାମୁଛା ପିଠିରେ ପକାଇ ପଙ୍ଖାର ବ୍ୟବହାର କରନ୍ତି । ଯୋଉଠି ବିଜୁଳି ନାଇଁ, ସେଠାରେ ତାଳପତ୍ର, ବାଉଁଶ ପାତି ବେଣାଚେରରେ ପଙ୍ଖା ଚାଲେ ।

ସ୍କୁଲ୍, କଲେଜ, କଚେରି ସବୁ ସକାଳୁଆ ହୁଏ । ଖୁବ୍ କମ୍ କାର୍ଯ୍ୟାଳୟ ଦଶରୁ ଚାରି ଯାଏ ହୁଏ । ସ୍କୁଲ୍, କଲେଜ ଗ୍ରୀଷ୍ମଛୁଟି ପାଇଁ ଲମ୍ବା ସମୟ ଯାଏ ବନ୍ଦ ରୁହେ । ଏ ସମୟରେ ପ୍ରଚୁର ମାଛ ମରାଯାଏ । ନାଚ, ଗୀତ, ଯାତ୍ରା, ଥିଏଟରରେ ରାତିଟା ରସାଳ ହୋଇଉଠେ । ଶୀତଳ ପଦାର୍ଥକୁ ଲୋକଙ୍କ ମନଯାଏ ଓ ମଲ୍ଲୀ, ଚମ୍ପା, ବଉଳମାଳ ଭଲ ବିକ୍ରି ହୁଏ ।

**ଗ୍ରୀଷକାଳର ଭଲମନ୍ଦ :**

ଗ୍ରୀଷ୍ମ ଲୋକଙ୍କୁ ଜଳକଷ୍ଟ, ପେଟକଷ୍ଟ ଆଣେ । ବଣରେ ପାହାଡ଼ରେ ନିଆଁ ଲାଗେ । ବହୁ ପାହାଡ଼ରେ ନିଆଁ ଲାଗେ । ଏହାକୁ ମାଙ୍କଡ଼ ବାହା କୁହନ୍ତି । ବଣପୋଡ଼ି ଯୋଗୁଁ ମୂଲ୍ୟବାନ ବଣ ସମ୍ପଦ ନଷ୍ଟ ହୁଏ । ଗାଁ ପୋଡ଼ି ମଧ୍ୟ ବଡ଼ ବିପଦର କାରଣ ହୁଏ ।

ଗ୍ରୀଷ୍ମ କିନ୍ତୁ ଜଳକୁ ବାଷ୍ପୀଭୂତ କରେ । ସେ ଜଳୀୟ ବାଷ୍ପ ଉପରକୁ ଆକାଶକୁ ଯାଏ । ପରେ କଳା କଳା ମେଘ ହୋଇ ବର୍ଷା ଭାବରେ ଝରିପଡ଼େ ପୃଥିବୀରେ । ତେଣୁ ଗ୍ରୀଷ୍ମ ହେଉଚି ବର୍ଷାର ଜନ୍ମଦାତା ।

**ଉପସଂହାର :**

ସମସ୍ତ ସୃଷ୍ଟି ଭଲମନ୍ଦ ନେଇ ଗଢ଼ା । ଗ୍ରୀଷ୍ମ ଓଡ଼ିଶାକୁ ତତାଏ, ଜଳାଏ. ଶୋଷିଲା କରେ । ମାତ୍ର ଗ୍ରୀଷ୍ମକୁ ନଡ଼ରି ଓଡ଼ିଶା କୃଷକ ଜମିକୁ ଯାଏ । ହଳକରି ବର୍ଷାକୁ ଅନାଇ ରହିଥାଏ । ବର୍ଷା ଆସିଲେ ଆରମ୍ଭ କରେ ତା'ର ଚାଷ ।

ଏ କାଳର ବିଭିନ୍ନ ଅସୁବିଧାକୁ ଦୂର କରିବା ଲାଗି ଲୋକ ତଥା ସରକାର ନାନା ଯୋଯନା କରନ୍ତି । ତେଣୁ ବ୍ୟାପକ ଜଳ ସଂରକ୍ଷଣ, କେନାଲ, ପାନୀୟ ଜଳ ସଂଗ୍ରହ ଯୋଜନା ହେଉଚି । ସେଭଳି ବିଭିନ୍ନ ରୋଗ ବିରୋଧକ କାର୍ଯ୍ୟକ୍ରମ ହେଉଚି । ଘରପୋଡ଼ି ବିରୋଧରେ ଅଗ୍ନିଶମସେବା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ହଉଚି । ଓଡ଼ିଶାରେ ଗ୍ରୀଷ୍ମକାଳକୁ ସମସ୍ତେ ଆଦର ସହ ସ୍ୱାଗତ କରନ୍ତି-କାରଣ ଏହା ଓଡ଼ିଆ ଜୀବନରେ ନୂଆ ଆନନ୍ଦ ଆଣିଦିଏ ।

## ୨- ସମାଜ ସେବା

**ଉପକ୍ରମ :**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ବ୍ୟତୀତ ବଞ୍ଚିରହିବା ମନୁଷ୍ୟ ପକ୍ଷେ ଅସମ୍ଭବ । ଏପରିକି ଅରଣ୍ୟ ମଧ୍ୟରେ ସଂସାରତ୍ୟାଗୀ ସନ୍ୟସୀମାନଙ୍କର ମଧ୍ୟ ଅତୀତରେ ସମାଜ ଥିଲା ଏବଂ ଏବେ ମଧ୍ୟ ଅଛି । ଏଣୁ ସମାଜ ସହ ମନୁଷ୍ୟର ଅବଚ୍ଛିନ୍ନ ଭାବ ରହଛି ।

**ସାମାଜିକ ଋଣ :**

ପ୍ରତ୍ୟେକ ଲୋକ ସମାଜଠାରେ ଋଣୀ । ମାନବ ସମଗ୍ର ଜୀବନକାଳ ମଧ୍ୟରେ ସେ ସମାଜର ସାହାଯ୍ୟରେ ବଞ୍ଚେ । ସମାଜରେ ମାନବଶିଶୁ ଓ ତା'ର ଜନନୀକୁ ସମାଜ ସୁରକ୍ଷା ପ୍ରଦାନ କରେ । ସମାଜରୁ ଆମେ ସଂସ୍କୃତି, ରୁଚି ଓ ନାନା ବିଧି ଶିଖୁ । ମାନବ ଶିଶୁ କଥା କହି ଶିଖେ ସମାଜରୁ ଆମେ ସଂସ୍କୃତି, ରୁଚି ଓ ବଞ୍ଚିବା ବିଧି ଶିଖୁ । ମାନବ ଶିଶୁ କଥା କହି ଶିଖେ ସମାଜରୁ । ମଣିଷର ଚାଲିଚଳନ, ଆଦାନ ପ୍ରଦାନ,ବାଣିଜ୍ୟବ୍ୟବସାୟ, ଚିନ୍ତା ଓ ଦର୍ଶନ ସମାଜ ସାହାଯ୍ୟରେ ବ୍ୟକ୍ତିଠାରେ ଅଙ୍କୁରିତ ହୁଏ । ସମାଜରେ ବ୍ୟକ୍ତି ସଭ୍ୟତାର ପ୍ରତ୍ୟେକ ଅଙ୍ଗ ସହ ପରିଚିତ ହୁଏ । ସମାଜ ମଧ୍ୟ ବ୍ୟକ୍ତିର ଜୀବନ ପ୍ରଣାଳୀକୁ ଗଢ଼େ ଓ ବ୍ୟକ୍ତିର ସାଧନ କରେ । ସମାଜ ନଥିଲେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ପାଠାଗାର, ବନ୍ଦର, ସାହିତ୍ୟ, ସମିତି ଇତ୍ୟାଦି ଅସମ୍ଭବ ହୋଇ ପଡ଼ନ୍ତା । ଆମ ଏଗୁଡ଼ିକ ମଣିଷ ଜୀବନକୁ ଗଢ଼ିବାର ଗୋଟିଏ ଗୋଟିଏ ଉପାଦାନ । ତେଣୁ ସମାଜଠାରେ ମାନବ ନାନା ଭାବରେ ଓ ନାନା ପ୍ରକାରେ ଋଣୀ ।

**ସମାଜ ପ୍ରତି ମନୁଷ୍ୟର କର୍ତ୍ତବ୍ୟ :**

ପ୍ରତ୍ୟେକ ମନୁଷ୍ୟ ସାମାଜିକ ଋଣ ବନ୍ଧନରେ ବନ୍ଧା । ସାମାଜିକ ଋଣ ପରିଶୋଧ କରିବା ତା' ପକ୍ଷେ ନିହାତି ଦରକାର । ସମାଜର ହିତ ସହିତ ବ୍ୟକ୍ତିର ହିତ ନିହାତି ଥାଏ । ତେଣୁ ସମାଜର କଲ୍ୟାଣ କାମନା ମଣିଷ ପାଇଁ ଏକ ଅପରିହାର୍ଯ୍ୟ କାର୍ଯ୍ୟ ।

**ସମାଜ ସେବା କ'ଣ ଏବଂ ତାହା କିପରି କରିବାକୁ ହୁଏ :**

ସମାଜର ସମୂହ ହିତ ସାଧନ ପାଇଁ ଯେଉଁ କାମ କରାଯାଏ, ତାକୁ ସମାଜ ସେବା କହନ୍ତି । ଏଥିପାଇଁ ଦରକାର ହେଲେ ବ୍ୟକ୍ତିଗତ ସ୍ୱାର୍ଥକୁ ବଦଳିଦେବାକୁ ପଡ଼ିଥାଏ । ସମାଜର ରକ୍ଷାପାଇଁ ମୁନି ଦଧୀଚି ନିଜର ଅସ୍ଥିଦାନ କରିଥିଲେ । ବାରବରେ ପୁଅ ଧରମା ବଢ଼େଇ ଜାତିକୁ ବଞ୍ଚେଇବା ପାଇଁ ନିଜର ପ୍ରାଣବଳି ଦେଲା । ଗଣି ବସିଲେ ଏଭଳି ଅନେକ ଦୃଷ୍ଟାନ୍ତ ମିଳିବ । ଗଣପାଇଁ ନିଜର ତ୍ୟାଗ ନୀତିର ଆମକୁ ସେବା କରିବାକୁ ପଡ଼ିବ । ତେବେ ସାଧାରଣଭାବେ ସମାଜରେ ଲୋକସେବା କରିବା ଉଚିତ । ଯେ ଯେଉଁ ପରିସର ମଧ୍ୟରେ ଚଳୁଚ, ତା'ରି ଭିତରେ ସମାଜ ସେବା କରିହେବ ପାଖ



ପଡ଼ୋଶୀଙ୍କ ସେବା, ସମାଜ ସେବାର ପ୍ରଥମ ପାହାଚ । ବଢ଼ି, ମରୁଡ଼ି, ଘରପୋଡ଼ି, ଭୂମିକମ୍ପ ଇତ୍ୟାଦି ଦୁର୍ବିପାକ ବେଳେ ଲୋକଙ୍କୁ ସାହାଯ୍ୟ କରିବା ସମାଜ ସେବାର ଏକ ଦୃଷ୍ଟାନ୍ତ ।

**ସମାଜ ସେବୀଙ୍କ ଗୁଣ :**

ସମାଜ ସେବା ଏକ ନିଃସ୍ୱାର୍ଥ ମନୋବୃତ୍ତି । ଏଥିପାଇଁ ମଣିଷର ନିଜର ଆଗ୍ରହ ଥିବା ଦରକାର । ସହଜାତ ହେଉ ବା ଅଭ୍ୟାସଗତରୁ ହେଉ, ଏହି ଆଗ୍ରହ ସମାଜ ସେବୀପାଖରେ ରହିବା ବିଧେୟ । ସମାଜ ସେବି ଅର୍ଥଲାଳସା ଓ କାମ ବାସନାଠାରୁ ଦୂରରେ ରହିବାଉଚିତ୍ । ସମାଜସେବା ପତ୍ୟେକ କ୍ଷେତ୍ରରେ ସନ୍ଦେହ ଘେରରୁ ଊର୍ଦ୍ଧ୍ୱରେ ରହିବେ । ପ୍ରତ୍ୟେକ ସମାଜସେବା ସାହାସୀ ଓ ଆଶାବାଦୀ ହେବା ନିତାନ୍ତ ଦରକାର । ସେ ନିଜ ପର ଭାବନାଠୁ ଦୂରରେ ରହିବେ । ଯେକୌଣସି ସମୟରେ ଯେକୌଣସି ପରସ୍ଥିତିରେ ଅନ୍ୟକୁ ସାହାଯ୍ୟ କରିବାକୁ ସେ ଆଗଭର ହେବେ । ମାନବସେବାକୁ ମାଧବସେବା ମଣିବେ । ଦୁଃଖ, ଯନ୍ତ୍ରଣାକୁ ଭୁଲିବେ । ନିଜର ଆମୋଦ ପ୍ରମୋଦକୁ ପାସୋରି ଦେବେ । ଖ୍ରୀଷ୍ଟିଆନ୍ ମିସନାରୀ ବା ରାମକୃଷ୍ଣ ମିସନର ସନ୍ନ୍ୟାସୀମାନଙ୍କ ପରି କଷ୍ଟ ସହି ଜନତାର ହିତ କରିଯିବେ ।

**ଉପସଂହାର :**

ସମାଜ ସେବା ଏକ ଉଚ୍ଚ ମହତ୍ କାର୍ଯ୍ୟ ଓ ଦେବସୁଲଭ ଗୁଣ । ନର ହିଁ ନାରାୟଣ । ତେଣୁ ନରସେବା ନାରାୟଣ ସେବା । ସମାଜ ସେବା ବିନା କେହି ମହାପୁରୁଷ ହୋଇପାରନ୍ତି । ନାହିଁ । ଆଜିକାଲି ଆମ ପୃଥିବୀରେ ସମାଜ ସେବାପାଇଁ ବହୁ ବଡ଼ ଅନୁଷ୍ଠାନ ଗାଢ଼ି ଉଠିଛି । U.N.E.S.C. O ଓ W.H.O ଭଳି ସଂସ୍ଥା ସମଗ୍ର ପୃଥିବୀରେ କାର୍ଯ୍ୟରତ । ଆମ ଦେଶରେ ମଧ୍ୟ ଅନେକ ସଂସ୍ଥା ସ୍ଥାପନ କରାଯାଇ ସେବାକାର୍ଯ୍ୟ କରାଯାଉଛି । ବନ୍ୟା, ବାତ୍ୟା, ଭୂମିକମ୍ପ, ବେଳେ ସେ ସଂସ୍ଥାମାନେ ଦିନରାତି ଜନସେବା କରିଥାନ୍ତି । ସ୍କୁଲରେ ଓ ଗାର୍ଲଗାଇଡ୍ ଏବଂ କଲେଜରେ ଏନ୍ ଏସ୍ ଏସ୍ ଜନସେବା ଶିଖାଇଥାଏ । ଛାତ୍ରଛାତ୍ରୀମାନଙ୍କ ମନରେ ଯଦି ଆରମ୍ଭରୁ ଏ ଭାବ ଉଦ୍ରେକ ହୁଏ ଏବଂ ସେମାନେ ନିଷ୍ଠାପର ଦେଶ ତଥା ସମାଜ ସେବୀ ହୁଅନ୍ତି, ତେବେ ଭାରତବର୍ଷ ଧନ୍ୟ ହେବ ।

ଭାରତର ଜନଜୀବନରେ ସମାଜସେବାର ଉଚ୍ଚ ଦୃଷ୍ଟାନ୍ତମାନ ରହିଛି । ମହାତ୍ମା ମୋହନଦାସ ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଠକ୍କର ବାପା, ରମାଦେବୀ ଚୌଧରୀ, ମଦରଟେରସା, ତା, ଆଇଜାକ୍ ସାଂତ୍ରା, ପ୍ରଭାବତୀ ଦେବୀଙ୍କ ଭଳି ବହୁ ମନୀଷା ସମାଜସେବାରେ ଜୀବନକୁ ଟେକି ଦେଇଛନ୍ତି । ଯେଉଁ ଲୋକର ଜୀବନ ଓ ସମୟ ଅନ୍ୟର ।

**ଶିଶୁ ଓ ଶିଶୁ ଦିବସ :**

**ଉପକ୍ରମ :**

ପ୍ରତି ମଣିଷ ଜୀବନରେ ଶିଶୁ କାଳ, କୈଶୋର, ଯୌବନ, ପୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା ଆସେ । ଜୀବନ ସଂଗଠନରେ ତେଣୁ ଶିଶୁ ଘରର ନିଅଁ ଭଳି କାମ କରେ । ନିଅଁ ଟାଣ ରହିଲେ, ଘର ଟାଣ

ରହେ । । ଦୁର୍ବଳ ନିଅଁ ଉପରେ ଗଢ଼ା ଘର ଶୀଘ୍ର ଉପୁଡ଼ି ଯାଏ । କୌଣସି ଆପଦ ବିପଦ ସହି ପାରେନି ।

ଆଜି ଯେ ଶିଶୁ କାଲିକି ସେ ବଡ଼ ହୁଏ । କ୍ରମେ ସେ ହୁଏ ଦେଶର ଏକ ନାଗରିକ । ସମାଜରେ ସେ ସକ୍ରିୟ ଅଂଶ ନିଏ ।  ସମାଜକୁ ଚଳାଏ । ନିଜେ ଚଳେ ପାଂଚ ଜଣଙ୍କ ସହ ଚଳେ ସୁତରାଂ  ଏଇ ଶିଶୁ ଅବସ୍ଥାଟା କେତେ ଗୁରୁତର, ତାହା ସହଜରେ ଅନୁମାନ କରାଯାଇ ପାରେ ।

ଶିଶୁ ଖାଲି ତା' ନିଜ ମା'ର ପ୍ରିୟ ନୁହେଁ । ଶିଶୁ ସବୁରି ପ୍ରିୟ । ସ୍ୱୟଂ ଈଶ୍ୱର ଶିଶୁମାନଙ୍କୁ  ଶ୍ରଦ୍ଧା କରୁଥିବା ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ମହାତ୍ମା ଯୀଶୁ ଖ୍ରୀଷ୍ଟ ମହାତ୍ମଗାନ୍ଧି, ରାଷ୍ଟ୍ରନାୟକ ଜୱାହର, ଇନ୍ଦିରାଗାନ୍ଧିଙ୍କ ଭଳି ପୃଥିବୀର ବହୁ ମହାପୁରୁଷ ଶିଶୁପ୍ରେମୀ । ଭାରତର ରାଷ୍ଟ୍ରପତି ଏ.ପି.ଜି. ଅବ୍‌ଦୁଲ କଲାମ ଖୁବ୍ ଶିଶୁପ୍ରେମୀ ।

ଶିଶୁମାନେ ସରଳ, କପଟହୀନ, ଈର୍ଷା ଶୂନ୍ୟ ବୋଲି ଈଶ୍ୱରଙ୍କ ଦୂତ ଭାବେ ବିଚାରିତ ହୁଅନ୍ତି ।

ମାତ୍ର ଏଇ ଦେବାତ୍ମା ଶିଶୁ ବହୁ ସ୍ଥଳରେ ଅବହେଳାର ଶିକାର ହୁଏ । ବାପା ମା ନିଜର ଦାରିଦ୍ର୍ୟ ବା ଅସୁବିଧା ହେତୁ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେଇ ପାରନ୍ତିନି । ଅନେକ ଶିଶୁର ଆବଶ୍ୟକତା କ'ଣ । ଶିଶୁର ସ୍ୱାସ୍ଥ୍ୟ ଶିକ୍ଷା ଓ ସଂସ୍କୃତି କଥା ଭୁଲି ଯାଆନ୍ତି ।

ଶିଶୁ ଅନୁକରଣ ପ୍ରିୟ । ତା' ଆଗରେ ଉପଯୁକ୍ତ ଆଦର୍ଶ ନ ରହିଲେ, ସେ ଭୁଲ କଥା ଅନୁକରଣ କରିବ । ସେଇ ଭୁଲ ବ୍ୟବହାର ତା' ମନର ଗହୀରରେ ଖରାପ ଛାପ ପକେଇବ । ପିଲାଟି ପରବର୍ତ୍ତୀ କାଳରେ ବିକୃତ ମାନସିକତା ନେଇ ଚଳିବ । ସେ କ୍ଷେତ୍ରରେ ସେ ଅସାମାଜିକ ଓ ଦୁର୍ନୀତି କାଳରେ ବିକୃତି ମାନସିକତା ନେଇ ଚଳିବ । ସେ କ୍ଷେତ୍ରରେ ସେ ଅସାମାଜିକ ଓ ଦୁର୍ନୀତି ପରାୟଣ ହବ । ହୁଏତ ସେ ଅଳ୍ପ କଥାରେ ହିଂସା, ପ୍ରତିହିଂସା, ବିବାଦକୁ ଡେଇଁ ପଡ଼ିବ । ଭୀଷଣ ସ୍ୱାର୍ଥପର ହୋଇ ଉଠିବ ।

ଏ ସମସ୍ତ କାରଣରୁ ଶିଶୁକୁ ଖୁବ୍ ଯତ୍ନର ସହ ପାଳିବା ଦରକାର ଠିକ୍ ଭାବେ ପାଣି, ସାର ଓ ଯତ୍ନ ନ ଦେଲେ, ଗଛଟି ଅକାଳରେ ମରିଯାଏ ବଂଚିଲେ ହୁଏତ ସେଭଳି ଫଳଦାୟୀ ହୁଏନି । ଶିଶୁ ପକ୍ଷରେ ଅବିକଳ ତାହାର ଘଟେ ।

ଶିଶୁମାନଙ୍କ ଉପରେ ଅନେକ ସମୟରେ ପିଟାପିଟି ହୁଏ । ସେମାନଙ୍କ ଉପରେ ଉତ୍ପୀଡ଼ନ କରାଯାଏ । ସେମାନଙ୍କୁ ଅଳ୍ପ ବୟସରୁ ଶ୍ରମିକ ଭାବେ ବ୍ୟବହାର କରାଯାଏ । ଏଭଳି ଅନେକ ଅନାଚାର ଯୋଗୁଁ ଶିଶୁ ସମାଜ ଉତ୍ପୀଡ଼ିତ ହୁଏ । ଶିଶୁମାନଙ୍କର କୌଣସି ଅନୁଷ୍ଠାନ ନାହିଁ । ଫଳରେ ସେମାନେ ନିଜ ନିଜର ଦାବି ଉପସ୍ଥାପନ କରି ପାରନ୍ତି ନି । ପରନ୍ତୁ ବଡ଼ମାନେ ସ୍କୁଲରେ ଶିକ୍ଷକ ଶିକ୍ଷିକା, ସମାଜରେ ସମାଜପତି : ସମସ୍ତେ ତା'ର ସ୍ୱାଧୀନତା ଉପରେ ଲଗାମ ଦିଅନ୍ତି । ତା'ର ଉପରେ ହୁକୁମ ଚଳାନ୍ତି । ତା' ମନକୁ ବୁଝନ୍ତି ନାହିଁ । କଥା କଥାକେ ମାଡ଼ ବି ବଢ଼ାନ୍ତି ।

ଶିଶୁମାନଙ୍କ ପ୍ରତି ଅବହେଳା କଲେ ଯେ ଜାତିର ମହା କ୍ଷତି, ଏକଥା ଅନେକ ଲୋକ ବୁଝନ୍ତି



ନି । ସେମାନଙ୍କର ମଧ୍ୟରେ ଜାତିର ଭବିଷ୍ୟତ ଲୁଚି ରହିଥିବା ଜାଣନ୍ତି ନି । ଫଳରେ ଶିଶୁମାନଙ୍କର ପ୍ରତି ଯେଉଁ ଦାୟିତ୍ୱବୋଧ ରହିବା କଥା, ତାହା ରହେନି ।

ଶିଶୁମାନଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ବିଶ୍ୱବିଖ୍ୟାତ ଶ୍ରେଷ୍ଠନାୟକ ଜବାହର ଲାଲ । ସେ ଶିଶୁମାନଙ୍କ ପ୍ରତି ଅବହେଳା ଦେଖି ଖୁବ୍ ଦୁଃଖିତ ହୋଇ ଉଠିଲେ । ସେମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ହେବାକୁ ସେ ବହୁ ପରାମର୍ଶ ଦେଲେ ଜାତିକି ।

ଯେତେବେଳେ ତାଙ୍କ ଜନ୍ମଦିନ ପାଳନ କଥା ବିଚାର କରାଗଲା । ସେ ନିଜର ଜନ୍ମ ଦିବସକୁ ଶିଶୁମାନଙ୍କୁ ଦାନ କରିଦେଲେ । ତେଣୁ ନଭେମ୍ବର ଚଉଦ ତାରିଖ, ଯାହାକି ଜବାହରଙ୍କ ପୁଣ୍ୟ ଜନ୍ମ ତିଥି, ଶିଶୁ ଦିବସରେ ପରିଣତ ହେଲା ।

ଉପସଂ ସହାର – ଶିଶୁମାନେ ଜାତିର ସଂପଦ ସେମାନଙ୍କୁ ସଂରକ୍ଷଣଦେବା ସେମାନଙ୍କ ସର୍ବବିଧ ଉନ୍ନତି ପରେ କାମକରିବା କର୍ତ୍ତବ୍ୟ ।

**୪ ତୁମ ସହରର ବଜାର :**

**ଉପକ୍ରମ :**

ଆମ ସହର କଟକ । ଏହା ଏକ ମହାନଗର କଟକର ବୟସ ହଜାରେ ବର୍ଷରୁ ଅଧିକ ଏହା ଗୋଟେ ଖୁବ୍ ପ୍ରାଚୀନ ସହର । କୁହାଯାଏ ବାଉନ ବଜାର ତେପନ ଗଳିର ଏ ସହର । ଛ ଲକ୍ଷରୁ ଅଧିକ ଲୋକେ ଏ ସହରରେ ରହନ୍ତି । ଗୋଟିଏ ଦିଗରେ ମହାନଦୀ ଓ ଅନ୍ୟ ଦିଗରେ କାଠଯୋଡ଼ି ଏ ସହରକୁ ବେଢ଼ାଇ ରଖିଛି । ସତେ ଯେମିତି ମାଆଟିଏ ତା' ଛୁଆକୁ କୋଳରେ ଧରି ଦୁଇ ହାତ ବେଢ଼ିଛି ।

**ସହରର ସାଧାରଣ ବର୍ଣ୍ଣନା :**

ଏହା ଗୋଟେ ଶିଳ୍ପ ନଗର ନୁହେଁ । କଟକର ସେଭଳି କୌଣସି ବଡ଼ କଳ ବା କାରଖାନା ନାହିଁ । କେଉଁ ଦୂର ଅତୀତରେ ଏଠି ବସତିଟିଏ ଥିଲା । ଏହାକୁ କେଶରୀ ବଂଶ ରାଜା ନୃପ କେଶରୀଙ୍କ ରାଜଧାନୀ କହନ୍ତି । ଆଉ ତା ସହ ମର୍କତ କେଶରୀ ପଥରବନ୍ଧ ଦେଇ ନଦୀକୁ ବନ୍ଧାଇ ଦିଅନ୍ତି । ତେଣୁ ଏ ବସତିଟିକୁ ନଦୀର ବଢ଼ି ଦାଉରୁ ରକ୍ଷା କରାଯାଏ । ବସତିଟି ଆକର୍ଷଣ କରେ ଅନେକ ଲୋକଙ୍କୁ ଜନସଂଖ୍ୟା ବଢ଼ିଯାଏ । ନାଁ ହୁଏ କଟକ । କଟକର ଅର୍ଥ ଦୁର୍ଗ, ସୈନ୍ୟଶିବିର ।

କଟକ ତେଣୁ ଏ ଐତିହାସିକ ସହର । ଏଠି ପୁରୁଣା ଭଂଗା ଦୁର୍ଗ ବାରବାଟୀ ଅଛି । ବିଡ଼ାନାସୀର ମାଟିତଳେ ବହୁ ପୁରୁଣା ଐତିହ୍ୟ ଚିହ୍ନ ଲୁଚି ରହିଛି । ଗୁଡ଼ିଏ ମଠ ମନ୍ଦିର ଅଛି ।

**ଏହାର ଗୁରୁତ୍ୱ :**

ସହରର ମୁଖ୍ୟ ରାସ୍ତା ହେଲା ରେଳ ଷ୍ଟେସନରୁ ବକ୍ସି ବଜାର ବାଟେ ଚୌଧୁରୀବଜାର, ଚାନ୍ଦିନୀଚଉକ ତୁଳସୀ ପୁର । ଏହାକୁ ଯୋଡ଼ିଟି ଅନେକ ରାସ୍ତା, ଗଳି, ଉପଗଳି ।

ଗୋଟିଏ ପୁରୁଣା ସହର ହୋଇଥିବା ଯୋଗୁଁ ଏହାର ବଜାର, ଗଳି ଉପଯୁକ୍ତ ଯୋଜନା ଆବଦ୍ଧ ନୁହେଁ। ତଥାପି ଏତେ ଲୋକଙ୍କ ଚାହିଦା ତ ମେଂଟେଇବାକୁ ହବ। ତା' ଛଡ଼ା କଟକ ଦିନେ ସାରା ରାଜ୍ୟର ରାଜଧାନୀ ଥିଲା। ଏଠି ଅତୀତରେ ଇଂରେଜମାନେ ଭାରତ ଛାଡ଼ିବା ଯାଏ। ପ୍ରଶାସକମାନେ ରହୁଥିଲେ। ଗଭର୍ଣ୍ଣରଙ୍କ କୋଠି ଏଇଠି ଥିଲା। ଓଡ଼ିଶାରେ ହାଇକୋର୍ଟ ଅଛି। ରାଜ୍ୟର ସବୁଠୁ ପୁରୁଣା ମହାବିଦ୍ୟାଳୟ ସବୁଠୁ ପୁରୁଣା ବଡ଼ ଡାକ୍ତରଖାନା ଓ ଭେଷକ ମହାବିଦ୍ୟାଳୟ ଅଛି ଏଇଠି। ଏଇଠି ରାଜ୍ୟର ବଡ଼ ବେତାର କେନ୍ଦ୍ର ଅଛି। ଏଇଠି ଅଛି ରାଜ୍ୟର ସବୁଠୁ ପୁରୁଣା ଟ୍ରେନିଂ କଲେଜ, ପୁରୁଣା ଉଚ୍ଚ ବିଦ୍ୟାଳୟ, ପୁରୁଣା ମହିଳା ମହା ବିଦ୍ୟାଳୟ ପ୍ରଭୃତି।

**ମାଛ, ମାଂସ ବଜାର :**

ମାଛ, ମାଂସ ଭଳି ଜିନିଷ ବିକ୍ରି ପାଇଁ ବିଭିନ୍ନ କେନ୍ଦ୍ର ରହିଛି। ସେଗୁଡ଼ିକ ବକ୍ସି ବଜାର, ବାଦାମବାଡ଼ି, ପୁରୁଣା ରାଉସା ପାଟଣା ବିନୋଦବିହାରୀ ଅଞ୍ଚଳରେ ରହିଛି। ଏ ପ୍ରକାର ବଜାରକୁ ସ୍ୱାସ୍ଥ୍ୟ ଓ ପରିଷ୍କୃତି ଦୃଷ୍ଟିରୁ ସବୁଠି ସ୍ୱତନ୍ତ୍ର ଭାବେ ଅବସ୍ଥାପିତ କରାଯାଇଛି।

**ଉପସଂହାର :** ଏ ମହାଗରର ସମସ୍ତ ଆବଶ୍ୟକତାକୁ ପରିପୂର୍ଣ୍ଣ କରିବା ଲାଗି ତଥା ସାରା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଜିନିଷ ଯୋଗାଇଦବାର କ୍ଷମତା କଟକ ବଜାରର ଅଛି। ବର୍ଷ ବର୍ଷ ଧରି ଏହାର ବଜାର ଆମର ସେବା ନାନା ଭାବର କରି ଆସୁଛି। ତଥାପି ସେ ଦିଗରେ ନଗର ପାଳିକା, ସରକାର ଓ ଜନ ସାଧାରଣଙ୍କର ଅନେକ କିଛି ଦାୟିତ୍ୱ ରହିଛି। ବଜାର ଅଞ୍ଚଳରେ ପରିଷ୍କର ଓ ପରିଛନ୍ନତା ପ୍ରତି ଯେତେ ଦୃଷ୍ଟି ଦବା କଥା, କର୍ତ୍ତୃପକ୍ଷ ଓ ଜନ ସାଧାରଣ ସେତେ ଦୃଷ୍ଟି ଦେଉ ନାହାଁନ୍ତି। ବର୍ଷାରେ ଛତ୍ରବଜାର କାଦୁଅ ପଚ ପଚ ହୋଇ ଉଠେ। ଏ ଅବସ୍ଥାର ଉନ୍ନତି ଏକାନ୍ତ ଆବଶ୍ୟକ।

## ପ୍ରବାଦ ଉପରେ ଗଳ୍ପ

### ଶ୍ରମ ହିଁ ସୌଭାଗ୍ୟର ଜନନୀ

**ଜଣେ କବି କହିଥିଲେ :**

ପରିଶ୍ରମ କର ପ୍ରତି ଦିବସ

କଦାଚ ନ ହୁଏ ଆଳସ୍ୟ ବଶ

ପରିଶ୍ରମ ମଣିଷକୁ ବଡ଼ କରାଏ। ଏ ଦୁନିଆରେ ଯିଏ ବଡ଼ ହେଉଛି, ସିଏ ଆପେ ଆପେ ଉଠିନି। ବଡ଼ ହବାର ଶିଡ଼ିଟି ହଉଚି ପରିଶ୍ରମ। ପାଠରେ ପରିଶ୍ରମ ନକଲେ ଛାତ୍ରର ଭବିଷ୍ୟତ ନଷ୍ଟ ହୁଏ। କାମ ଜାଗାରେ ପରିଶ୍ରମ ନ କଲେ, କାମ ମାରା ହୁଏ।

ପରିଶ୍ରମର ମୂଲ୍ୟ ମଣିଷକୁ ସୁଖ, ଶାନ୍ତି, ଆନଂଦ ଓ ସମୃଦ୍ଧି ଆଣିଦିଏ। ଏ ସଂପର୍କରେ ବହୁ ଉଦାହରଣ ରହିଚି। ବହୁ ଗଳ୍ପ ରହିଚି।



ସେମିତି ଗୋଟିଏ ଗଳପ ହେଉଚି ଇଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସଂପର୍କରେ। ଦିନେ ସହରରେ ବୁଲୁଥାଆନ୍ତି। ଜଣେ ଲୋକ ତାଙ୍କୁ ନମ୍ର ଭାବରେ ପ୍ରଣାମ ଜଣାଇଲେ। ସେ ଜଣେ ଧନୀ, ଆସ୍ଥାବାନ, ଅଭିଜାତ ଲୋକ ପରି ଦିଶୁଥିଲେ।

ଈଶ୍ୱରଚନ୍ଦ୍ର ଭଦ୍ରଲୋକଙ୍କୁ ଚିହ୍ନିପାରିଲେ ନି। ସେ ତାଙ୍କୁ ପରିଚୟ ପଚାରିଲେ। ଭଦ୍ରଲୋକ କହିଲେ ଯେ ସେ ଜଣେ ଗରିବ ଲୋକ ଥିଲେ। ଥରେ ଈଶ୍ୱରଚନ୍ଦ୍ରଙ୍କୁ ଭିକ୍ଷା ମାଗିଥିଲେ।

ଈଶ୍ୱରଚନ୍ଦ୍ର ତାଙ୍କୁ ଗୋଟିଏ ଟଙ୍କା ଦେଇଥିଲେ। ସେ ଟଙ୍କାରେ ସେ କାମ ଆରମ୍ଭ କଲେ। ଦିନେ ରାତି ଏକ କରିଦେଲେ।

ପ୍ରକୃତ ପରିଶ୍ରମରେ ଫଳ ବୃଥା ଯାଏନି। ସେି ଗୋଟିଏ ଟଙ୍କାକୁ ସେ ଅନେକ ଟଙ୍କାରେ ପରିଣତ କରି ପାରିଥିଲେ। ସେ ହୋଇଗଲେ ଲକ୍ଷପତି।

ହେଲେ, ସେଇ ଅତୀତରେ ଦରିଦ୍ରତାକୁ ଭୁଲି ନଥିଲେ ସେ। ଭୁଲି ବି ନଥିଲେ ଈଶ୍ୱରନ୍ଦ୍ରଙ୍କ ଦାନକୁ। ସେଥିପାଇଁ ସହରର ଜନଗହଳି ଭିତରେ ସେ ନିଜର ସାହାଯ୍ୟକାରୀଙ୍କୁ ସମସ୍ତଙ୍କ ସାମ୍ନାରେ ନମ୍ର ପ୍ରଣାମ ଜଣେଇଲେ। ସେ ମଧ୍ୟ ତାଙ୍କୁ ସାଦର ନିମନ୍ତ୍ରଣ ଜଣାଇଲେ। ତାଙ୍କ ଘରେ ପାଦଧୂଳି ପକାଇବା ଲାଗି। ଈଶ୍ୱରଚନ୍ଦ୍ର ଖୁସିରେ ସେଇ ଉଦ୍ୟୋଗୀ ଲୋକଙ୍କ ଘରକୁ ଗଲେ ଓ ଆଶୀର୍ବାଦ ଜଣାଇଲେ।

## ଯେସାକୁ ତେସା

ସେ ଥିଲା ଜଣେ କାଠୁରିଆ। କାଠ ବିକେ। ପାଖ ଜଙ୍ଗଲକୁ ଯାଏ ସାଥିରେ ନେଇଯାଏ ତା ଗଧଟିକୁ। ନେଇଯାଏ। ତା କାଠକଟା କୁରାଢ଼ି । ଝାଳନାଳ ହେଇ ଶୁଖିଲା କାଠ ଖୋଜେ। ତାକୁ ଛୋଟ ଖଣ୍ଡରେ କାଟେ।

ଗଧର ଉପରେ ଗୋଟେ କାଠ ଗଦି। ସେଇଥିରେ ଲଦେ କଟାକାଠ। କଷି କରି ବାନ୍ଧେ କାଠ ଖଣ୍ଡ। ନହେଲେ ସେଗୁଡ଼ିକ ଖସି ପଡ଼ିବ।

ଆସେ ସହରକୁ। ଘର ଘର ବୁଲି କାଠ ବିକେ। ଯେଉଁମାନେ କାଠଚୁଲି ବ୍ୟବହାର କରନ୍ତି ସେମାନେ କିଣି ନିଅନ୍ତି କାଠ। କିଛି ମୂଲଚାଲ ପରେ କାଠବାଲା ତା କାଠ ବିକେ ପଇସା ନେଇ ବାଜାର ରୁ ଘର ଲାଗି ଦରକାରୀ ଜିନିଷପତ୍ର କିଣେ ଫେରେ ଘରକୁ।

ଏହା ଥିଲା ତା'ର ନିତିଦିନିଆ ଜୀବନ। ଏହା ଥିଲା ତା'ର ନିତିଦିନିଆ। ବେଉସା। ଥରେ ବାରିକକୁ ଜଣେ ଗରାଖ ଭାବରେ ମିଳିଲା। ହସି ହସି ସେ କହିଲା ଗଧ ଉପରେ ଥିବା ସବୁ କାଠ ମୁଁ ନେବି। କେତେ ଦେବି କହ।

କାଠବାଲା ସଂଗେ ଏଭଳି କଥା ଭାଷାରେ ମୂଲ ଛିଡ଼ିଲା। ବାରିକ ପଇସା ଦେଇଦେଲା କାଠବାଲା ବି ସବୁକାଠ ଉତାରି ଦେଲା। ଆଉ ଯିବାକୁ ବାହାରିଲା।

ବାରିକଟି କହିଲା : ସେ କାଠଗଦିଟା ଦଉନୁ।

ମୁଁ ସିନା କାଠ ବିକେ। କାଠଗଦିଟା କେମିତି ଦେବି ?

ହୁଁ କହିଥିଲି ଗଧ ପିଠିରେ ଥିବା ସବୁ କାଠ ! ସେଇଟା ତ କାଠ ତିଆରି। ତେଣୁ ମୁଁ ତାକୁ ନେବି।

ଦେଖ ଭାଇ, ସେଇଟା ମୋ ବେଉସାରେ ଗୋଟେ ବଡ଼ ଉପକରଣ। ସେଇଟା ନ ରହିଲେ, ମୋ ଗଧଟି ଖୁବ୍ କଷ୍ଟ ପାଇବ। ତା ଛଡ଼ା ସେଇଟାକୁ କିଣିବା ଲାଗି ମୋତେ ପୁଣି ଗୁଡ଼ାଏ ପଇସା ଖରଚ କରିବାକୁ ହବ। ସେଇଟା ନେବାକୁ ତମେ ଜିଦ୍ କରୁଛ।

ବାରିକଟି ନଛୋଡ଼ବନ୍ଧା ସେ ଦାବି କଲା ଯେ କାଠଗଦିଟି ନିଶ୍ଚୟ ନବ। ନେଲା ବି କଥାଟା କାଠବାଲାକୁ ଖୁବ୍ ବାଧିଲା ହେଲେ, ସେ ଏବେ କ'ଣ କରିବ ! ସିଏତ କହିଥିଲା ସମସ୍ତ କାଠ କହିଲେ କାଠଗଦିକୁ ବି ଦବାକୁ ପଡ଼ିବ, ଏକଥା ସେ କେବେ ବି ଭାବି ନଥିଲା।

ବାଧ ହୋଇ କାଠଗଦିଟା ଦେଲା କାନମୁଣ୍ଡ ଆଉଁସି ଫେରିଲା ଘରକୁ ଫେରି ତା' ସ୍ତ୍ରୀକି ଏକଥା କହିଲା ଦିହେଁ ଢେର ରାତିଯାଏ ବିଚାର କଲେ।

କାଠବାଲା ବିଚରାଟା ନୂଆ କାଠଗଦିଟେ କିଣିଲା ସେମିତି ବେପାର କରୁଥାଏ। ସୁଖେ ଦୁଃଖେ ତା ଦୁନିଆଁ ଚାଲିଥାଏ।

ଏଭଳି ପ୍ରାୟ ଛ ମାସ କଟିଗଲା। ଦିନେ ବାରିକ ସଂଗରେ ତା'ର ଦେଖାହେଲା। ସେ ପଚାରିଲା କିହୋ, ବେପାର ଠିକ ଚାଲିଚି ତ ? କ'ର କାଠ ବିକା ସାରିଦେଲଣି ?

ଓହୋ ଭାଇ ମୋର ର କି ବେପାର ଯେ ମୁଁ ବିକାବିକି ସାରି ତମ ପାଖକୁ ଆସିଛି ମୁଁ ଓ ମୋ ସାଙ୍ଗ ଖିଅର ହୋଇଥାନ୍ତୁ।

ଭଲ କଥା ଜଣକା ଦଶଟଙ୍କା ଦି ଜଣକୁ କୋଡ଼ିଏ ପଡ଼ିବ। ଠିକ୍ ଅଛି।

କାଠୁରିଆ ବସିଗଲା। ବାରିକଟି ହସି ହସି ଭଲ କରି ତା'ର ବାଳ କାଟି ଖିଅର କରିଦେଲା। ତଉଲିଆରେ ଝାଡ଼ିଦେଲା ପଚାରିଲା ତମ ସାଂଗକୁ ଡାକ।

କାଠୁରିଆ ଦେଖେଇଦେଲା ଗଧଟିକୁ। ସେଇଟି ମୋର ସାଙ୍ଗରେ ଭାଇ। ବାରିକ ଚମକି ଗଲା କ'ଣ ହେଲା ଗଧକୁ ମୁଁ ଖିଅର କରିବି ? ମୋତେ କ'ଣ କରି ପାଇଲକି ? କୋଉ କାଳରେ ଗଧକୁ ଖିଅର କରାଯିବା ଜାଣିଚ।

କାଠୁରିଆର ସେଇ ଗୋଟେ କଥା ତମ ସଙ୍ଗେ କଥା ହୋଇଥିଲା ଆମେ ଦି ସାଙ୍ଗ ବାଳ କାଟିବୁ, ଖିଅର ହବୁ ସେଇ ଗଧଟି ମୋର ସାଙ୍ଗ ଏବେ ତମକୁ ତା'ର କେଶ ପ୍ରସାଧାନ ଇତ୍ୟାଦି କରିବାକୁ ହେବ। ନହେଲେ ମୁଁ ପଇସା ତ ଦେବିନି ତମେ କଥା ଭାଙ୍ଗିଚ ବୋଲି ବିଚାରପତିଙ୍କ ପାଖରେ ଫେରାଦ ହେବି।



ବାରିକ କ'ଣ ଶୁଣୁଚି ଏ କଥା ସେ ପାଟିଗୋଳ କଲା କାଠୁରିଆ ବି ଛାଡ଼ିବାଲୋକ ନୁହେଁ ଏଇଟା ତ ଆମର ଚୁକ୍ତି। ତମକୁ ଗଧକୁ ଖିଅର କରିବାକୁ ପଡ଼ିବ।

କଥାଗଲା ସହରର ବିଚାରପତିଙ୍କ ପାଖକୁ।

ବିଚାରପତି ଉଭୟଙ୍କ କଥା ଶୁଣିଲେ।

ବିଚାରପତି ଗଂଭୀର ଭାବରେ କହିଲେ: କାଠ ସଂଗେ କାଠଗଦି ଯଦି ଏକାଠି କିଣାଯାଇପାରେ ମଣିଷ ସଙ୍ଗେ ଗଧକୁ ଖିଅର କରିବାରେ ଅସୁବିଧା କୋଉଠି। ତମେ ଯେମିତି ବ୍ୟବହାର କରିଛ ସେମିତି ବ୍ୟବହାର ପାଇବ। ଏଠି ଯେସାକୁ ତେସା ହୁଏ।

ବହୁଲୋକ ଜମା ହେଇ ଏ ବିଚାର ଶୁଣୁଥିଲେ ଓ ଦେଖୁଥିଲେ। ବିଚରା ବାରିକ କ'ଣ କରିବ ? ଗଧକୁ ଖିଅର କରିବାକୁ ବାଧ ହେଲା ।

## ପୌଢ଼ଶିକ୍ଷା କେନ୍ଦ୍ରର ଛବିକୁ ଦେଖି ପ୍ରବନ୍ଧ ଲିଖନ

**ସଂଲଗ୍ନ ଛବିଟିକୁ ଦେଖ। :**

ଏହା ଗୋଟିଏ ପୌଢ଼ ଶିକ୍ଷାକେନ୍ଦ୍ର। ଯେଉଁ ଲୋକମାନେ ବୟସ୍କ ମାତ୍ର ନୀରକ୍ଷର, ସେମାନଙ୍କୁ ସାକ୍ଷର କରିବା ପାଇଁ କେତେକ ଶିକ୍ଷାଦାନ କେନ୍ଦ୍ର ଦେଶସାରା ଅଛି। ଏଗୁଡ଼ିକ ସରକାରୀ ସାହାଯ୍ୟରେ ପ୍ରତିଷ୍ଠା ପାଇଥାଏ। ନତୁବା ବିଭିନ୍ନ ସ୍ୱେଚ୍ଛାସେବା ଅନୁଷ୍ଠାନ। ଏଭଳି ଶିକ୍ଷାଦାନ କେନ୍ଦ୍ର ଚଳେଇଥା'ନ୍ତି।

ଶଂସତି ଛବିଟି ସେଇପରି ଏକ ଶିକ୍ଷାଦାନ କେନ୍ଦ୍ର। ଏଠାରେ ଗୋଟିଏ କୋଠରିରେ ଚାଲିଛି ଶିକ୍ଷାଦାନ। କାଂଥରୁ ଝୁଲୁଚି ଗୋଟିଏ କଳାପଟା। ସେଥିରେ ହିନ୍ଦୀ ଦେବନାଗର ଲିପିରେ ଅ.ଆ. ଇ.ଈ ଲେଖା ହୋଇଚି। ଜଣେ ବାଳିକା ଉଲେଖିଛନ୍ତି। ଏ ଝିଅଟି ଆଠ ନ'ବର୍ଷର ହେବ। ସ୍କଟ୍ ବ୍ଲାଉଜ୍ ପିନ୍ଧିଛନ୍ତି। ସ୍କଯଟି ରଂଗିନ। ସ୍ୱେଚ୍ଛାସେବିକା ଜଣେ। ଗାନ୍ଧିଜୀ ଥରେ କହିଥିଲେ ଭାରତର ନିରକ୍ଷରତାକୁ ଦୂର କରିବାକୁ ପ୍ରତ୍ୟେକ ଜଣେ କରି ଲୋକଙ୍କୁ ପଢ଼ାଇବା ଉଚିତ୍। ଇଚ୍ ୱାନ୍ ସୁଡ୍ ଟିଉ ୱାନ୍। ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ସେ ସମୟରେ ଏକାମ ଚାଲିଥିଲା। ୧ ୯ ୮ ୬ ଜାତୀୟ ଶିକ୍ଷାନିତୀରେ କାର୍ଯ୍ୟ ଅଭିଜ୍ଞତା ବା ୱାର୍କ ଏକ୍ସପେରିଏନ୍ସକୁ ମାଧ୍ୟମିକ ଶିକ୍ଷାସ୍ତରରେ ପ୍ରଚଳିତ କରାଗଲା। ଏହାର ଅନ୍ୟନାମ ଏସ ୟୁପି ଡବଲ୍ୟୁ ବାସୋସାଲି ୟୁସ୍‌ଫୁଲ ପ୍ରଡ଼କଟିଭ୍ ୱାର୍କ। ସ୍କୁଲ ପିଲାଏ ଏହି କାର୍ଯ୍ୟକ୍ରମରେ ନିଜ ଘର ପାଖରେ ଥିବା ନିରକ୍ଷର ବୟସ୍କ ଲୋକମାନଙ୍କୁ ସାକ୍ଷର କରିବା ବ୍ୟବସ୍ଥା ରହିଲା। ଏଇ ଛବିରେ ସେଇ ପ୍ରକାର କାମଟିଏ ଜଣେ ଛାତ୍ରୀ କରୁଥିବା ଅନୁମାନ ହୁଏ।

ପାଠ ପଢୁଛନ୍ତି ତିନିଜଣ ବୟସ୍କ ପୁରୁଷ ଓ ଦି କ'ଣ ସ୍ତ୍ରୀ। ପ୍ରଥମ ପଂକ୍ତିରେ ଅଛନ୍ତି ବାମରୁ ଜଣେ ପୁରୁଷ। ବଡ଼ ମୋଟା ନିଶ। ମୁଣ୍ଡରେ ପଗଡ଼ି। କାନ୍ଧରେ ଗାମୁଛା। ଧୋତି ସାଦା ପଂଜାବୀ ପିନ୍ଧିଛନ୍ତି। ତାଙ୍କ ସାମ୍ନାରେ ଗୋଟିଏ ବେଞ୍ଚରେ ଅଛି ଦୁଇଟି ବହି। ସେ ଦୁଇଟି ନିଶ୍ଚୟ ଶିକ୍ଷାଦାନ ଦେଉଥିବା।

ସ୍ୱେଚ୍ଛାସେବୀକାଙ୍କର। ମଝିରେ ଅଛନ୍ତି ନାରୀ ଜଣେ। ଓଢ଼ଣୀ ଦେଇଛନ୍ତି। ତୃତୀୟ ଜଣକ ପୁରୁଷ ମୁଣ୍ଡରେ ପଗଡ଼ି। ତାଙ୍କର କୁରୁତାର ରଙ୍ଗ କଳା। ଡାହାଣ କାନ୍ଧରେ ଗାରଗାରିକା ଗାମୁଛା।

ଦ୍ୱିତୀୟ ଧାଡ଼ିରେ ପ୍ରଥମେ ଅଛନ୍ତି ଜଣେ ପୁରୁଷ। ମୁଣ୍ଡରେ ପଗଡ଼ି। ସରୁ ନିଶ। ଏହାଙ୍କ ପଗଡ଼ିର ଲାଙ୍ଗୁଡ଼ ପଡ଼ିଚି ପିଠିରେ। ଆଗରୁ ବର୍ଣ୍ଣିତ ପୁରୁଷମାନଙ୍କ ପଗଡ଼ିର ଲାଙ୍ଗୁଡ଼ ନାହିଁ। ଏହାଙ୍କ ସାର୍ଟରେ ଲଂବା ଗାରପଡ଼ିଚି। ତାଙ୍କ ଡାହାଣକୁ ଅଛନ୍ତି ଜଣେ ନାରୀ। ଓଢ଼ଣା ଦେଇଛନ୍ତି।

ଏସବୁର ମନରେ ନୂଆ ପାଠକୁ ଶିଖିବାର କିଛି କୌତୁହଳ ଆସୁଚି। ଦ୍ୱିତୀୟ ଧାଡ଼ିର ପ୍ରଥମ ବ୍ୟକ୍ତିଙ୍କ ହାତରେ ଏକ ବହି। ତାହା ଏକ ଅକ୍ଷର ଶିକ୍ଷା ବହି।

ଏଇ ଛବିଯି ମଣିଷ ମନରେ ନୂଆ ଆଶା ସଂଚାର କରେ। ନା ଉଠା ପାଠ ଛତୁ ଉଠା କାଠ ଭଳି ପ୍ରବାଦକୁ ଛବିରେ ଚାଲେଂଜ୍ ସୃଷ୍ଟି ହୋଇଛି।

## III. ପତ୍ର ଲିଖନ : (ସରକାରୀ ପତ୍ର)

(କ) ତୁମ ଅଞ୍ଚଳର ଲୋକେ ଏକ ଚୋର ଦଳକୁ ଧରିବାରେ ସଫଳ ହୋଇଛନ୍ତି। ସ୍ଥାନୀୟ ଥାନାଧିକାରୀଙ୍କୁ ପତ୍ର ଲେଖି ଏ ବିଷୟରେ ଜଣାଅ।

(ଖ) ତୁମ ବିଦ୍ୟାଳୟର ବାର୍ଷିକଉତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରି ଜିଲ୍ଲାପାଳଙ୍କ ନିକଟକୁ ଏକ ନିମନ୍ତ୍ରଣ ପତ୍ର ଲେଖ।

(ଗ) ବଜାରରେ ଦଶମଶ୍ରେଣୀ ନିମନ୍ତେ ପ୍ରଯୁଜ୍ୟ ଗଣିତ ପୁସ୍ତକଟି ମିଳୁ ନଥିବାରୁ ଏହାର ପୁନ। ମୁଦ୍ରଣ ତଥା ବିକ୍ରୟ ପାଇଁ ଦାବି କରି ପ୍ରକାଶକ କି ନିକଟକୁ ପତ୍ରଟିଏ ଲେଖ।

(ଘ) ଡାକ ପିଅନର ଅବହେଳାରୁ ତୁମେ ତୁମର ଗୋଟିଏ ଦରକାରୀ ରେଜିଷ୍ଟ୍ରି ଚିଠି ବିଳମ୍ବରେ ପାଇଥିବାରୁ ଏ କଥାର ଅଭିଯୋଗ କରି ତୁମ ଅଞ୍ଚଳର ପୋଷ୍ଟମାଷ୍ଟରଙ୍କ ନିକଟକୁ ପତ୍ର ଲେଖ।

(ଙ) ପରୀକ୍ଷା ସମୟରେ ବାରମ୍ବାର ବିଜୁଳିକାଟ ନ କରିବା ପାଇଁ ବିଦ୍ୟୁତ ବିଭାଗକୁ ଅନୁରୋଧ କରି ପତ୍ର ଲେଖ।

### ଘରୋଇ ପତ୍ର :

(ଚ) ତୁମ ମାମୁଁ ଜଣେ ଭଲ କ୍ରିକେଟ ଖେଳାଳି। ତାଙ୍କୁ ପ୍ରଶଂସା କରି ତାଙ୍କ ନିକଟକୁ ପତ୍ର ଲେଖ।

(ଛ) ତୁବ ବାପାଙ୍କୁ ପଚାଶ ବର୍ଷ ପୂରିଲା। ତାଙ୍କ ଜନ୍ମଦିନରେ ଅଭିନନ୍ଦନ ଜଣାଇ ପତ୍ର ଲେଖ। ତୁମ ଜୀବନର ଅନେକ ସୁଖ, ଦୁଃଖ, ସ୍ମୃତି ଓ ବାପାଙ୍କ ସାନ୍ନିଧ୍ୟ ଇତ୍ୟାଦି ପ୍ରକାଶ କରି ଲେଖିବ।

(ଜ) ତୁମ ଜନ୍ମଦିନରେ ଯୋଗ ଦେବା ପାଇଁ ମାଉସୀଙ୍କୁ ନିମନ୍ତ୍ରଣ କରି ଏକ ପତ୍ର ଲେଖ।

(ଝ) ମହଙ୍ଗା ବଜାରରେ କେମିତି ଖର୍ଚ୍ଚକାଟ କରିବାକୁ ହେବ ସେ ବିଷୟରେ ପରାମର୍ଶ ଦେଇ ଦୂରରେ ରହୁଥିବା ସାନ ଭାଇକୁ ପତ୍ର ଲେଖ।



(ଞ) ତୁମ ବନ୍ଧୁଙ୍କର କୌଣସି ସଫଳତା ପାଇଁ ତାକୁ ଅଭିନନ୍ଦନ ଜଣାଇ ପତ୍ରଟିଏ ଲେଖ।
ସାରେ ଯାଉଥିବା ସମୟରେ ତୁମର ଗୋଟିଏ ବ୍ୟାଗ ଚୋରି ହୋଇଗଲା ଏହାର ସଂପୂର୍ଣ୍ଣ ବିବରଣୀ ଦେଇ ଓ ଚୋରି ଯାଇଥିବା ଜିନିଷପତ୍ର ଖୋଜିବାରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରି ପୁଲିସ୍‌କୁ ପତ୍ର।

ମାନନୀୟ ମଧୁପଟଣା ପୁଲିସ ଅଫିସର ଇନ୍‌ଚାର୍ଜ, ମଧୁପାଟଣା, କଟକ
ପ୍ରସଂଗ : ବସ୍‌ରୁ ଶ୍ରୀ ଅନୁରାଗ ଧୀରଙ୍କର ବ୍ୟାଗ ଚୋରି

**ମହାଶୟ,**

ଆଜି (ତା........) ଭୁବନେଶ୍ୱର କଟକ ବସ୍‌ରେ ମୁଁ ଦିନ ଅପରାହ୍ନ ୧ଘଣ୍ଟା ସମୟରେ ଯାତ୍ରା କରିଥିଲି। ବସ୍‌ର ଲଗେଜ୍ ବର୍ଥରେ ମୋ'ର ଗୋଟିଏ ବ୍ରିଫକେଶ ଏବଂ ଏଆର ବ୍ୟାଗ ରଖିଥିଲି। କଟକରେ ଶ୍ରୀଲଙ୍କା ଓ ଭାରତ ଟେଷ୍ଟ ମ୍ୟାଚ୍ ଯୋଗୁଁ ଗାଡ଼ିରେ ପ୍ରବଳ ଭିଡ଼ ଥିଲା ମୁଁ ସେ ଭିଡ଼ ମଧ୍ୟରେ ମୋ ଜିନିଷ ପତ୍ର ପ୍ରତି ସେଭଳି ନଜର ଦେଇ ପାରିଲି ନାହିଁ।

କଟକ ବାଦାମବାଡ଼ିରେ ଓହ୍ଲାଇବା ବେଳକୁ ମଧ ଯାତ୍ରୀ ଖୁଂଦି ହୋଇ ରହିଥିଲେ। ମୋ ଜିନିଷ ପତ୍ର ଖୋଜିଲି ମାତ୍ର ମିଳିଲା ନାହିଁ।

ପ୍ରକାଶ ଥାଉକି ମୋର ବ୍ରିଫକେଶଟି ଆରିଷ୍ଟୋକ୍ରାଟ ମଧ୍ୟମ ଆକୃତି ଧୂସର ବର୍ଣ୍ଣର ତା ଉପରେ ମୋ ନାଁ ଲାଲ ରଙ୍ଗର ଚିତ୍ରଣ କରାଯାଇଛି। ସେଇପରି ମୋ ଏଆରବ୍ୟାଗରେ ମଧ୍ୟ ଲାଲରଙ୍ଗରେ ମୋ ନାଁ ଲେଖା ଯାଇଛି।

ଏ ଉଭୟତ୍ର ମୋର ପ୍ରାୟ ଏକହଜାର ଟଙ୍କା ସହ ଟ୍ରାଭଲର ଚେକ୍, ହାତଲେଖା ଦିନଲିପି ବହି ଏବଂ ଖଣ୍ଡେ ଉପନ୍ୟାସ ଓ ଖଣ୍ଡେ କବିତାର ପାଣ୍ଡୁଲିପି ଥିଲା। ତା ଛଡ଼ା ମୋର ଦୈନଂଦିନ ବ୍ୟବହାର୍ଯ୍ୟ ପୋଷାକପତ୍ର ଓ ସାର୍ଟିଫିକେଟ ସବୁ ଥିଲା। ଏଇ ବସ୍‌ଟିର ନଂବର ଥିଲା –
ଓଆର୍‌ସି – ୦୫– ୯୯୯୯।

ଆପଣଙ୍କୁ ନମ୍ର ଅନୁରୋଦ, ଏ ଜିନିଷଗୁଡ଼ିଏ ମିଳିବାରେ ଆପଣ ଓ ଆପଣଙ୍କ ବିଭାଗ ସହଯୋଗ କରି ଚିରବାଧିତ କରିବା ହେବେ।

॥ ଇତି ॥

ସ୍ଥାନ : ଆପଣଙ୍କର ବିଶ୍ୱସ୍ତ,

ତା : ଶ୍ରୀ ଅନୁରାଗ ଧୀର

ସା / ପୋ ପ୍ରତାପପୁର

ଜି ଅନୁଗୁଳ,

**ପତ୍ରଲିଖନ :**

ପରୀକ୍ଷା ପାଇଁ ତୁମର ପ୍ରସ୍ତୁତି ବିଷୟ ବର୍ଣ୍ଣନା କରି ବଡ଼ ଭାଇଙ୍କ ପାଖକୁ ପତ୍ର

ଭୁବନେଶ୍ୱର

ତା. ୨୪. ୦୬.୨୦୨୦

ମାନନୀୟ ଭାଇ,

ମୋର ପ୍ରଣାମ ଗ୍ରହଣ କରିବେ। ବାପା ଓ ବୋଉଙ୍କୁ ମୋର ପ୍ରଣାମ ଜଣାଇଦେବେ। ମୁଁ ଏଠାରେ ଭଲରେ ଥାଇ ଆପଣମାନେ ସମସ୍ତେ ସେଠାରେ ଭଲରେ ଥିବେ ବୋଲି ଆଶା କରେ। ଆପଣଙ୍କ ପତ୍ର ମୁଁ ଗତକାଲି ପାଇଲି। ଆସନ୍ତା ପରୀକ୍ଷା ପାଇଁ ମୋର ପ୍ରସ୍ତୁତି କିପରି ଚାଲିଛି, ସେ ବିଷୟ ଜାଣିବାପାଇଁ ଚାହିଁଛନ୍ତି। ମୁଁ ପୂରା ଦମ୍‌ରେ ପଢ଼ାପଢ଼ି ଚଲେଇଛି।

ଆମ ପରୀକ୍ଷା ବେଳକୁ ନିର୍ବାଚନ ପଡୁଛି। ଏ ଦିନୁ ରାଜନୀତିକ ବାତାବରଣ ସରଗରମ ହେଲାଣି। ସେ ସବୁ ବିଷୟ ଜାଣିବାକୁ ଇଚ୍ଛା ନଥିଲେ ମଧ୍ୟ କାନରେ ପଡୁଛି। ସାଙ୍ଗ ସାଥୀ ମେଳରେ ଆଲୋଚନା ମଧ୍ୟ ହେଉଛି। ବର୍ତ୍ତମାନ ସମୟରେ ଘନଘନ ବିଜୁଳିକାଟ ହେଉଛି। ଏସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ୍ୟ ମୁଁ ମୋର କାମରେ ଲାଗି ପଡ଼ିଛି। ମୋର ଇଂରାଜି ସାହିତ୍ୟ ଏବଂ ସାମାଜିକ ପାଠ ପାଇଁ ଆଦୌ ଭୟ ନାହିଁ ବାକି ଗଣିତ ଓ ବିଜ୍ଞାନ ବିଷୟରେ ତ ଟିଉସନ ହେଉଛି। ଟିଉସନ୍ ହେଲାଦିନୁ ଗଣିତରେ ଥିବା ଅନେକ ଦୁର୍ବଳତା ସୁଧୁରି ଗଲାଣି। ଆଉ ସାମାନ୍ୟ ଟିକେ ଅଧିକ ପରିଶ୍ରମ କଲେ ବିଜ୍ଞାନରେ ଖୁବ୍ ଭଲ ହେବ ବୋଲି ମୋର ବିଶ୍ୱାସ ରହିଛି। ଆଦୌ ସମୟ ବରବାଦ କରୁନି। ପ୍ରତି ମିନିଟ୍ ପଢ଼ାରେ କଟଉଛି। ମୋ ପାଇଁ କିଛି ଅଧିକ ଟଙ୍କା ପଠାଇବେ। ମୋର ପରୀକ୍ଷା ପ୍ରସ୍ତୁତି ଉପରେ ଆସ୍ଥା ରଖିବେ। ମୁଁ ଏଥର ନିଶ୍ଚୟ ଭଲ କରିବି।

॥ ଇତି ॥

ସାନ ଭାଇ

ବୁଲୁ

ଠିକଣା

| ପ୍ରେରକ | ଟିକେଟ୍ <br> ଗ୍ରାହକ |
|---|---|
| ନାମ – <br> ମାଫତ୍ – <br> ସ୍ଥାନ – <br> ପୋଷ୍ଟ – <br> ଜିଲ୍ଲା – | |



## ବୋଧ ଜ୍ଞାନ

ଭରତର ପୂର୍ବ ଉପକୂଳରେ ଓଡ଼ିଶା ଏକ ପୁରୁଣା ରାଜ୍ୟ। ଇତିହାସରେ ଏହା କଳିଙ୍ଗ, ଉତ୍କଳ, ଉଡ୍ରମଣ୍ଡଳ, ଓଡ଼ିଶା ପୁଣି କୋଶଳ ନାମରେ ପରିଚିତ ଥିଲା। ଏହି ରାଜ୍ୟଟି ବଙ୍ଗୋପସାଗର, ପାଶ୍ଚିମରେ ଛତିଶଗଡ଼, ଦକ୍ଷୀଣରେ ଆନ୍ଧ୍ର ଉତ୍ତରରେ ଝାରଖଣ୍ଡ ଓ ଉତ୍ତର ପୂର୍ବରେ ପଶ୍ଚିମ ବଙ୍ଗଳା ମଧ୍ୟରେ ବସ୍ଥିତ। ଏହି ରାଜ୍ୟର ମୋଟ ଜନସଂଖ୍ୟାର ୧୪.୬% ହରିଜନ ଓ ୨୪% ଆଦିବାସୀ। ଓଡ଼ିଶାର ସମଗ୍ର ଲୋକ ସଂଖ୍ୟାର ଚାରିଭାଗରୁ ଏକ ଭାଗ ଆଦିବାସୀ।

ଉପକୂଳ ଅଞ୍ଚଳର କେତୋଟି ଜିଲ୍ଲାକୁ ଛାଡ଼ିଦେଲେ ବହୁ ଜିଲ୍ଲାକୁ ଆଦିବାସୀ ଜିଲ୍ଲା କହିଲେ ଚଳିବ। ଆଦିବାସୀମାନଙ୍କୁ ଲୋକେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଗିରିଜନ, ବନବାସୀ ବୋଲି ମଧ୍ୟ କୁହନ୍ତି। ସେମାନଙ୍କୁ ଅଷ୍ଟ୍ରିଚ୍ ମାନବ ଗୋଷ୍ଠୀର ମଣିଷ ବୋଲି କୁହାଯାଏ।

ଆବ ରାଜ୍ୟରେ ସେମାନେ ପ୍ରଥମ ଅଧିବାସୀ। ସେମାନେ ହିଁ ଏ ରାଜ୍ୟକୁ ପ୍ରାଚୀନ ଓ ନୂତନ ପ୍ରସ୍ତର ଯୁଗର ସଭ୍ୟତା ଦେଇଛନ୍ତି। ଏହି ଆଦିବାସୀମାନେ ହିଁ ପ୍ରଥମେ କୋରାପୁଟ୍‌ରେ ଧାନ ଚାଷ କରି ସାରା ପୃଥିବୀ ଇତିହାସରେ "ଧାନ" ନାମକ ଜୀବନ ରକ୍ଷାକରୀ ଶସ୍ୟ ପ୍ରଚଳନ କରିଛନ୍ତି। ସେମାନେ ହିଁ ବିଭିନ୍ନ ଗୁମ୍ଫାରେ ପ୍ରାଚୀନ ଯୁଗର ଲେଖା ଓ ଛବି ଆଙ୍କିଛନ୍ତି। ସେମାନେ ପ୍ରଥମେ ଦାରୁଦେବତା ଶ୍ରୀ ଜଗନ୍ନାଥ ପୂଜା କରୁଥିଲେ। ସେ ଉଡ୍ରମାନଙ୍କ ସଙ୍ଗେ ମିଶି ବିଶାଳ ସଭ୍ୟତା ଗଢ଼ିଥିଲେ।

ଆଦିବାସୀମାନେ ବଣ ଉପରେ ନିର୍ଭର କରନ୍ତି। ବଣରୁ ଫଳମୂଳ ସଂଗ୍ରହ କରନ୍ତି। କେନ୍ଦୁ, ମହୁଲଫୁଲ, ଟୋଲ, ଚାର, ଟସର, କୋଷା, ବଣୁଆ ଆମ୍ବ, କରଡ଼ି, ମହୁ ସଂଗ୍ରହ କରନ୍ତି। ନିଜେ ଖାଆନ୍ତି ଓ ଅନ୍ୟମାନଙ୍କୁ ବିକି ବ୍ୟବସାୟ କରନ୍ତି। ପାହାଡ଼ ତଳେ, ପାଣି ପାଖରେ ସେମାନେ ଧାଡ଼ି ଧାଡ଼ି ନୁଆଁଣିଆ ଘର କରି ରୁହନ୍ତି। ସେଗୁଡ଼ିକ ମାଟି କାନ୍ଥର, ଝାଟିବାଟିର, ନଡ଼ା ଛପର ଛାତ। ସେଇ ଛୋଟ ଘରଗୁଡ଼ିକରେ ଏକାଠି ମଣିଷ, ଗୋରୁ, କୁକୁଡ଼ା, କୁକୁର ତ୍ୟାଦି ରହନ୍ତି।

ଖୁବ୍ ଗରିବ ସେମାନେ। ଭଲ ପିନ୍ଧିବା, ଭଲ ଖାଇବା, ଭଲରେ ଚଳିବା କହିଲେ, ସାଧାରଣରେ ଯାହା ବୁଝାଯାଏ, ସେଥିରୁ ମଧ୍ୟ ସେମାନେ ବହୁ ଦୂରରେ ଥାଆନ୍ତି। ସେମାନେ ଖୁବ୍ ସରଳ ଓ ଶାନ୍ତିପ୍ରିୟ। ଜୀବନରେ ଜଟିଳତା ଜାଣନ୍ତି ନାହିଁ। ସଂସାରକୁ ଖୁବ୍ ସହଜ ଭାବେ ନିଅନ୍ତି। ଧମ ସଉିବା, ସଭ୍ୟ ସମାଜ ପରି ଧନ ପଛରେ ଗୋଡ଼ାଇବା ସେମାନେ ଜାଣନ୍ତି ନାହିଁ। ସେମାନେ ଜୀବନକୁ ମନଭରି ଉପଭୋଗ କରନ୍ତି। ସେମାନେ ଖୁବ୍ ନାଚ ଓ ଗୀତ ପ୍ରିୟ। ଏମାନେ ମୂଳତଃ ପ୍ରକୃତି ପୂଜକ। ଏମାନେ ଧରଣୀ ପେନୁ ବା ପୃଥିବୀ ଦେବୀର ପୂଜା କରନ୍ତି।

**(କ)** ଓଡ଼ିଶାର ଅବସ୍ଥାନ କେଉଁଠି ?

**(ଖ)** ଓଡ଼ିଶାକୁ ଆଦିବାସୀ ବହୁଳ ରାଜ୍ୟ ବୋଲି କାହିଁକି କୁହାଯାଏ ଏବଂ ଆଦିବାସୀମାନେ କେଉଁ କେଉଁ ନାମରେ ପରିଚିତ ?

(ଗ) ଆଦିବାସୀମାନଙ୍କୁ କାହିଁକି ପ୍ରାଧାନ୍ୟ ଦିଆଯିବା ଉଚିତ୍ ?

(ଘ) ସେମାନେ କେଉଁଠି ରୁହନ୍ତି ଓ କି ବ୍ୟବସାୟ କରି ଚଳନ୍ତି ?

(ଙ) ସେମାନଙ୍କ ଚାଲି ଚଳଣି ଉପରେ ସମ୍ୟକ୍ ଧାରଣ ଦିଅ ?

**ଉତ୍ତର**

(କ) ଓଡ଼ିଶାର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼, ଦକ୍ଷୀଣରେ ଆନ୍ଧ୍ର, ଉତ୍ତରରେ ଝାଡ଼ଖଣ୍ଡ ଓ ଉତ୍ତରପୂର୍ବରେ ପଶ୍ଚିମବଙ୍ଗଳା ଅବସ୍ଥିତ ।

(ଖ) ଓଡ଼ିଶା ରାଜ୍ୟର ମୋଟ ଲୋକସଂଖ୍ୟାର ଚାରିଭାଗରୁ ଏକଭାଗ ଆଦିବାସୀ, ଏହି ଆଦିବାସୀ ମାନଙ୍କୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ହରିଜନ ଓ ବନବାସୀ ମଧ କହନ୍ତି ।

(ଗ) ଆଦିବାସୀମାନେ ଆମ ରାଜ୍ୟର ପ୍ରଥମ ଆଦିବାସୀ ସେମାନେ ଧାନଚାଷ, ପୂଜା ଓ ଉତ୍ସମାନଙ୍କ ସଙ୍ଗେ ମିଶି ସଭ୍ୟତା ଗଢ଼ିଥିଲେ ।

(ଘ) ସେମାନେ ବରରେ ବାସକରନ୍ତି, ବରରୁ ଫଳମୂଳ ସଂଗ୍ରହ କରନ୍ତି । ଆମ୍ବ କରଡ଼ି ବଣଆ ଆମ୍ବ ଟସର କୋଷ, ମହୁଲ ଫୁଲ, ଟୋଲ, କେନ୍ଦୁ, ମହୁ ସଂଗ୍ରହ କରିଥାନ୍ତି । ଝାଟିମାଟିର ନଡ଼ା ଛପର ଚାଳଘରେ ରହିଥାନ୍ତି ।

(ଙ) ସେମାନେ ସରଳ, ଶାନ୍ତି ପ୍ରିୟ, ଜୀବନକୁ ମନଭରି ଉପଭୋଗ କରନ୍ତି । ସେମାନେ ଗରିବ, ନାଚ ଗୀତ ପ୍ରିୟ ଓ ପ୍ରକୃତି ପୂଜକ ।

## IV. ଅନୁଚ୍ଛେଦ ଲିଖନ ବା ବୋଧଜ୍ଞାନ

### ଜୀବନ ଓ ଆଦର୍ଶ

ଆମ୍ବେଦକର ଥିଲେ ଦୀନ ଦରିଦ୍ର, ଅବହେଳିତ, ଶୋଷିତ, ଉତ୍ପୀଡ଼ିତ, ନିର୍ଯ୍ୟାତିତ ମନୁଷ୍ୟ ସମାଜର ମୁକ୍ତିଦାତା । ସାରାଜୀବନ ସେ ଅନ୍ୟାୟ ଓ ସାମାଜିକ ଅସମାନତା ବିରୋଧରେ ଲଢ଼େଇ କରିଛନ୍ତି । ସେ ଥିଲେ ଚିର ସଂଗ୍ରାମୀ । ମାନବାଧିକାରର ସୁରକ୍ଷା ପାଇଁ ତାଙ୍କର ତ୍ୟାଗ ଓ ଆଦର୍ଶ ଯୁଗେ ଯୁଗେ ପ୍ରେରଣା ଦେଉଥିବ ।

ଆମ୍ବେଦକର ହରିଜନମାନଙ୍କ ପାଇଁ ତାଙ୍କ ସମାଜରେ ମହାପୁରୁଷ ଥିଲେ । ଦଳିତମାନଙ୍କ ବିରୋଧରେ ହୀନକାର୍ଯ୍ୟମାନ ଲଦି ଦେବାପାଇଁ ସେ ହିନ୍ଦୁ ଧର୍ମର ବ୍ରାହ୍ମଣମାନଙ୍କୁ ଦାୟୀ କରିଥିଲେ । ହିନ୍ଦୁ ଧର୍ମରେ ଜାତିପ୍ରଥାର ସୃଷ୍ଟି କେବେ ଜଣା ନାହିଁ । କିନ୍ତୁ ଏହା ଏକ ଅନ୍ୟାୟ ସାମାଜିକ ପ୍ରଥା ଥିଲା । ଏହି ସାମାଜିକ ସମସ୍ୟାମାନଙ୍କର ସମାଧାନ ପାଇଁ ସେ ଚିନ୍ତିତ ଥିଲେ । ନଚେତ୍ ହିନ୍ଦୁଧର୍ମ ଭାଗ ଭାଗ କ୍ଷେତ୍ରରେ ସମାନ ଆଇନଗତ ଅଧିକାର ମିଳିବା ଉଚିତ୍ । ସେମାନେ ଅନ୍ୟ ହିନ୍ଦୁମାନଙ୍କ ପରି ଦେଶର ନାଗରିକ ଭାବରେ ଗଣ୍ୟ ହେବା ଉଚିତ୍ ।



ଆମ୍ବେଦକରଙ୍କର ବୁହମୁଖୀ ପ୍ରତିଭା ଥିଲା ସେ ଏକାଧାରରେ ଜଣେ ଐତିହାସିକ, ଅର୍ଥନୀତିଜ୍ଞ, ରାଜନୀତିଜ୍ଞ, ସମ୍ବିଧାନବିଦ୍, ସମାଜ ସଂସ୍କାରକ ଓ ଦାର୍ଶନିକ ଥିଲେ । ନିଜର କର୍ମ ଓ ସାଧନା ବଳରେ ସେ ଉପରକୁ ଉଠିଥିଲେ । ଏହି ଦଳିତ ବ୍ୟକ୍ତିଟି ଭାରତୀୟ ସମ୍ବିଧାନର ନିର୍ମାତା ଥିଲେ ତାଙ୍କର ଜ୍ଞାନ ପିପାସ ଓ ପୁସ୍ତକ ପଠନ ପ୍ରୀତି ଅତୁଳନୀୟ ଥିଲା । ଆନ୍ତର୍ଜାତିକ ସ୍ତରରେ ଜଣେ ଉଚ୍ଚ କୋଟୀର ବିଦ୍ୱାନ ଉପରେ ସେ ଖ୍ୟାତିଲାଭ କରିଥିଲେ । ସେ ଜୀବନରେ ଜଣେ ପ୍ରଫେସର ହେବାକୁ ଋହୁଁଥିଲେ । କିନ୍ତୁ ଘଟଣା ଚକ୍ରରେ ପଡ଼ି ରାଜନୀତିରେ ପ୍ରବେଶ କରିଥିଲେ । ତଥାପି ତାଙ୍କୁ ଜଣେ ଶିକ୍ଷାବିତ୍ ବୋଲି ଚିତ୍ରିତ କରାଯାଏ । ସେ ଲୋକ ଶିକ୍ଷା ସମାଜ ପ୍ରତିଷ୍ଠାନକରି କେତେକ କଲେଜ ପ୍ରତିଷ୍ଠା କରିଥିଲେ । ଅର୍ଥନୀତିରେ ସେ ଧୁରୀଣ ଥିଲେ । ଜମିଦାରୀ ଉଚ୍ଛେଦ ସାଧନକୁ ସେ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଥିଲେ । ଆମ୍ବେଦକର ଜଣେ ଉଚ୍ଚ କୋଟୀର ସମାଜତତ୍ତ୍ୱିବତ ଥିଲେ ଏଥିରୁ ତାଙ୍କର ଅର୍ନ୍ତଦୃଷ୍ଟିର ପରିଚୟ ମିଳେ । ଭାରତରେ ଜାତି ପ୍ରଥାର ଉଦ୍ଭବ ଓ ବିକାଶ ନେଇ ସେ ବହୁ ସାମାଜିକ ପୁସ୍ତକ ଲେଖିଛନ୍ତି । ଆମ୍ବେଦକର ଯଦି ଓ ହିନ୍ଦୁ ରୀତିନୀତିର ଜଣେ ସମାଲୋଚକ ଥିଲେ, ତଥାପି ତାଙ୍କର ଦଳିତମାନଙ୍କ ପାଇଁ ଅଧିକାର ହାସଲ ଯୋଗୁଁ ହିନ୍ଦୁଧର୍ମ ଭାଗ ଭାଗ ହୋଇଯାଉ ନଥିଲା ।

(i) ସମାଜର କେଉଁ ଶ୍ରେଣୀର ଲୋକ ଆମ୍ବେଦକରଙ୍କୁ କାହିଁକି ମନେରଖିବ ?

(ii) ସମାଜର କେଉଁ ପ୍ରଥା ଅନ୍ୟାୟମୂଳକ ? ଏଥିପାଇଁ ମୁଖ୍ୟତଃ ଦାୟୀ କିଏ ?

(iii) ଆମ୍ବେଦକରଙ୍କ ପ୍ରତିଭା ବିଷୟରେ ଯାହା ଜାଣ ଲେଖ ।

(iv) ତାଙ୍କ ଜୀବନର ଲକ୍ଷ୍ୟ କ'ଣ ଥିଲା ?

(v) ସେ ହିନ୍ଦୁଧର୍ମକୁ କିପରି ସାହାଯ୍ୟ କରିଥିଲେ ?

### ଦାନ

ଦାନ ଶବ୍ଦର ଅର୍ଥ ବଡ଼ ଗଭୀର । 'ବିଦ୍ୟାଦାନ, ଧନଦାନ, ସ୍ନେହଦାନ, ଅନୁଦାନ, ବସ୍ତୁଦାନ, ଜ୍ଞାନଦାନ, କରୁଣାଦାନ, ଆଦି ଶବ୍ଦ ସମୂହର ଅର୍ଥ ହେଲା - ଯାହା ବଦଳରେ ତୁମେ କିଛି ପ୍ରତ୍ୟାଶା କରିବା ନାହିଁ ବା ଗ୍ରହଣ କରିବ ନାହିଁ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଭାବରେ ବଦଳରେ କିଛି ନ ଋହିଁ କେବଳ ଦେବାହିଁ ଦାନ । ଦାନର ଆନନ୍ଦ ସ୍ୱତ । ମିଳେ କାରଣ ଦାନ ପାଇବା ବ୍ୟକ୍ତିର ଅଭାବମୋଚନ ହୁଏ ଓ ସେ ଆନନ୍ଦ ପାଇବ । ତୁମେ ଅନ୍ୟକୁ ଆନନ୍ଦ ଦେଲେ ସ୍ୱତଃ ତୁମେ ମଧ ଆନନ୍ଦ ପାଇବ । ଏହା ଲବ୍ଧଜ୍ଞାନ ଅନୁଭବ । ଅପରପକ୍ଷରେ ଅନ୍ୟକୁ ଦୁଃଖ ହତାଶା, ବ୍ୟଥା ଦାନ କଲେ ତୁମେ ମଧ ଅଜ୍ଞାତ ସାରରେ ତାହାହିଁ ପାଇବ । ଅନ୍ୟକୁ ଉର୍ତ୍ସନା କଲେ ଭର୍ତ୍ସନା ହିଁ ତୁମର ପ୍ରାପ୍ୟ ଏଥିରେ ସନ୍ଦେହ ନାହିଁ । ଏ ସଂସାରକୁ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀ ଭାବରେ ଆସିଛି । ସମ୍ପୂର୍ଣ୍ଣ ଜୀବନରେ କିଛି ଦେବାପାଇଁ କିନ୍ତୁ ମାୟାମୋହରେ ଆବଦ୍ଧ ଜୀବ ହାତ ଦୁଇଟିର କାର୍ଯ୍ୟ କ'ଣ ହେବା ଉଚିତ୍ ପାସୋରି ଯାଏ । ଏହି ଦୁଇ ହାତରେ ତୁମେ ଗରିବ ବ୍ୟକ୍ତିକୁ ଧନଦାନ କରି ରୋଗୀକୁ ସେବାଦାନ କର । ସୁନ୍ଦର କବିତା, ସାହିତ୍ୟ ଲେଖି ରସିକ ଦଳକୁ ଦାନ କର । ଅନ୍ଧକୁ ହାତ ଧରି ବାଟ ଦେଖାଇ ଦିଅ । ଗାନ୍ଧିକରି ଅନ୍ୟକୁ ଖାଇବାକୁ ଦିଅ ବୃଦ୍ଧ ଅସହାୟ ବ୍ୟକ୍ତିର ସେବା କର ।

ମାତ୍ର ସେ ସବୁ ନକରି ମନୁଷ୍ୟ ଦୁଇହାତ ବଢ଼ାଇ ଖାଲି ମାଗି ଜଣେ ଯା ଦିଅ, ତା' ଦିଅ କହି ଅନ୍ୟ ପାଖରେ ହାତ ପଢ଼ାଇବାରେ  ଦୁର୍ଲ୍ଲଭ ଜୀବନ ବିତାଇ ଦିଏ, ଦେବତା ମହାର୍ଘ ଆନନ୍ଦ ସେ ପାଇପାରେ ନାହିଁ। ଏ ଜୀବନ ଅନିଶ୍ଚିତ। କେତେବେଳେ କିଏ ଚାଲିଯିବ ଏହି ମାୟା ସଂସାର ଛାଡ଼ି ବିଧି ନିର୍ଦ୍ଦେଶରେ ତା କିଏ କହିବ ? ତେଣୁ ଦୁର୍ଲ୍ଲଭ ମନୁଷ୍ୟ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସୁ ବିନିଯୋଗ କରିବା ମନୁଷ୍ୟର ନୈତିକ କର୍ତ୍ତବ୍ୟ। ଯାହାର ଯାହା ଅଛି ଦାନକର। କ୍ଷୁଦ୍ର କାର୍ଯ୍ୟରେ ମଧ ଗୌରବ ରହିଛି ତୁମେ ଦେବାକୁ ଇଚ୍ଛା କର ବା ନକର ପ୍ରକୃତି ଯେବେ ଇଚ୍ଛା କରେ ତୁମଠାରୁ ନେଇଯାଇ ପାରିବ ତୁମକୁ ବାଧ୍ୟ ହୋଇ ଦେବାକୁ ପଡ଼ିବ। ଯେତେବେଳେ ତୁମେ  କହିବ ଯେ ମୁଁ ଦେବି ନାହିଁ ସେତେବେଳେ ତୁମ ଉପରେ ନିନ୍ଦା ଆପତ୍ତି ହେବ ତୁମେ ନିଶ୍ଚିତରେ ଦୁଃଖୀ ହେବ।

**(i)** ଦାନ କହିଲେ କ'ଣ ବୁଝୁଛ ?

**(ii)** ଏ ସଂସାରକୁ ମଣିଷ ଶ୍ରେଷ୍ଠ ପ୍ରାଣୀ ଭାବରେ କାହିଁକି ଆସିଛି ?

**(iii)** ଦେବାର ମହାନ ଅର୍ଘ ମଣିଷ ପାଇଁ ପାରେନି କାହିଁକି  ?

**(iv)** ମନୁଷ୍ୟର ପ୍ରକୃତ ନୈତିକ କର୍ତ୍ତବ୍ୟ କ'ଣ ବେହା ଆବଶ୍ୟକ  ?

**(v)** ମନୁଷ୍ୟ କେତେବେଳେ ନିଶ୍ଚିତରେ ଦୁଃଖ ପାଏ ?

## ହିମାଳୟ

ଆମ୍ଭେମାନେ ଭାବୁଛୁ ଯେ ଆମେ ଏଭଳି ଏକ ଦେଶରେ ବାସ କରୁଛୁ ଯାହର କୂଳରେ ରମଣୀୟ ସମୁଦ୍ର ରହିଛି। ପୁଣି ଦେଶ ମଧ୍ୟରେ ଅନେକ ଛୋଟ ବଡ଼ ନଦୀ ଆଉ ପାହାଡ଼-ପର୍ବତ ରହିଛି। ଆମେ ହିମାଳୟ ପର୍ବତ କଥା କହୁଛୁ, କିନ୍ତୁ ଆମେ ଯଦି ପୃଥିବୀ ଇତିହାସକୁ ବିଚାର କରିବା ତେବେ କହିବା ହିମାଳୟ ଏବେ ଅନ୍ୟ ପୁରାତନ ପାହାଡ଼ ତୁଳନାରେ ଶିଶୁ ଭଳି। ଯେଉଁ ସମୟରେ ପୃଥିବୀରେ ଡାଏନେସୋର ବାସ କରୁଥିଲା ସେତେବେଳେକୁ ହିମାଳୟର ସୃଷ୍ଟି ହୋଇ ନଥିଲା। ଏବେ ପୃଥିବୀ ପୃଷ୍ଠରେ ଆମେ ଦେଶ  ଯେଉଁଠାରେ ରହିଛି ପୂର୍ବରୁ ସେହିଠାରେ ନଥିଲା, ଭାରତ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ପାଖରେ ରହିଥିଲା, ପୃପୃଷ୍ଠରେ ତରଳ ଅବସ୍ଥାରେ ଥିବା ଲାଭାରେ ଭୂଖଣ୍ଡ ପହଁରି ବୁଲେ। ଭାରତ ଭୂଖଣ୍ଡ ଖସି ଖସି ଚୀନ ଭୂଖଣ୍ଡରେ ଧକ୍କା ଖାଇଲା ଏବଂ ଧକ୍କାକୁ ସୃଷ୍ଟି ହେଲା ହିମାଳୟ ପର୍ବତ। ଭାରତ ଭୂଖଣ୍ଡ ଏବେ ମଧ ଚୀନ ଆଡ଼କୁ ଖସିଖସି ଯାଉଛି। ପ୍ରତିବର୍ଷ ଭାରତ ୫ ସେଣ୍ଟିମିଟର ଆଗକୁ ଖସିଖସି ଯାଉଛି। ଏଥିଯୋଗୁଁ ହିମାଳୟ ପର୍ବତ ମଧ୍ୟରେ ଚାପ ସୃଷ୍ଟି ହେଉଛି। ଫଳରେ ବଡ଼ବଡ଼ ଭୂମିକମ୍ପ ସୃଷ୍ଟି ହେବାର ଆଶଙ୍କା ରହୁଛି। ଏହି କାରଣରୁ ହିମାଳୟ କ୍ଷେତ୍ରରେ ଭୂମିକମ୍ପ ଆସିବାର ଘଟଣା ବଢ଼ିଛି ଏବଂ ଆଗାମୀ ଭବିଷ୍ୟତରେ ଆହୁରି ଭୟଙ୍କର ଭୂମିକମ୍ପ ଆସିବାର



ସମ୍ଭାବନା ରହିଛି। ଭାରତ ଭୂଖଣ୍ଡ ଖସି ଖସି ଯାଉଥିବାରୁ ଯେତେବେଳେ ହିମାଳୟ ମଧ୍ୟରେ ଚାପ ବହୁତ ଅଧିକ ବଢ଼ିଯିବ ସେତେବେଳେ ହିମାଳୟରେ ବହୁତ ବଡ଼ ବିସ୍ଫୋରଣ ଘଟିବ। ତେବେ ଏଭଳି ଘଟିବାକୁ ଏବେ ବହୁତ ସମୟ ବାକି ରହିଛି ଏହିଭଳି ବଡ଼ ପରିବର୍ତ୍ତନ ଅଚାନକ ହୋଇ ନଥାଏ, ବହୁତ ଲମ୍ବା ପ୍ରକ୍ରିୟାରେ ଗତି କରିବା ପରେ କୋଟି କୋଟି ବର୍ଷ ପରେ ଘଟିଥାଏ। ଏହିଭଳି ପରିବର୍ତ୍ତନକୁ ମଣିଷ ନିଜ ଆଖିରେ କିନ୍ତୁ ଦେଖିପାରିବ ନାହିଁ। ମଣିଷ ତା'ର ଜୀବନକାଳ ମଧ୍ୟରେ ସୁନାମି ଓ ଭୂମିକମ୍ପ ଭଳି ପ୍ରଳୟକୁ ଦେଖିପାରିବ କିନ୍ତୁ ପୃଥିବୀର ଅନ୍ତକୁ ଦେଖିପାରିବ ନାହିଁ। ଏହାର କାରଣ ହେଉଛି ପୃଥିବୀ ଅନ୍ତ ହେବାର କୋଟି କୋଟି ବର୍ଷ ପୂର୍ବରୁ ପୃଥିବୀପୃଷ୍ଠକୁ ମଣିଷ ସମାଜ ଲୋକ ପାଇଯାଇଥିବ। ପୃଥିବୀର ଜୀବନ ବହୁତ ଉତ୍‌ଥାନ ଓ ପତନରେ ପରିପୂର୍ଣ୍ଣ। ସମ୍ଭବତଃ କୌଣସି ଧୂମକେତୁ ଆସି ପୃଥିବୀରେ ଧକ୍କା ଖାଇବ। ପୂର୍ବରୁ ଏହିଭଳି ଘଟଣା ପୃଥିବୀ ସହ ଘଟିଛି। ପ୍ରତି ୧/୨ କୋଟି ବର୍ଷ ପରେ ଏହିଭଳି ଘଟଣା ପୃଥିବୀ ଉପରେ ଘଟିଥାଏ। ଯେତେବେଳେ ଏହିଭଳି ଘଟଣା ଘଟେ ପୃଥିବୀପୃଷ୍ଠରେ ବାସ କରୁଥିବା ଅନେକ ଜୀବ ଜନ୍ତୁ ପ୍ରାଣ ହରାନ୍ତି। ବିଶ୍ୱାସ କରାଯାଉଛି ଏହିଭଳି ଘଟଣା ଯୋଗୁଁ ପୃଥିବୀପୃଷ୍ଠରୁ ଡାଏନାସୋର ବଂଶ ସମ୍ପୂର୍ଣ୍ଣ ଲୋପ ପାଇଗଲା। ହୁଏତ ଏଭଳି ପ୍ରଳୟ ମନୁଷ୍ୟ ସମାଜର ସ୍ଥିତି ମଧ୍ୟରେ ଆସି ନ ପାରେ, କିନ୍ତୁ ପୃଥିବୀର ଜୀବନ ପରିସୀମା ମଧ୍ୟରେ ଆସିଛି ଏବଂ ଆଗକୁ ମଧ ଆସିବ।

**(i)** ହିମାଳୟ ପର୍ବତକୁ ଲେଖକ 'ଶିଶୁ' କହିଛନ୍ତି କାହିଁକି ?

**(ii)** ହିମାଳୟ ଆଗରୁ କେଉଁଠି ଥିଲା ?

**(iii)** ହିମାଳୟରେ କି ପ୍ରକାର ଭୂମିକମ୍ପ ହୋଇପାରେ ?

**(iv)** ଏହିପରି ପରିବର୍ତ୍ତନ ପାଇଁ କେତେ ବର୍ଷ ଲାଗିଥାଏ ?

**(v)** ଡାଇନେସୋର ବିଷୟରେ ବୈଜ୍ଞାନିକ କ'ଣ କୁହନ୍ତି ?

## ଧର୍ମ

ଯାହା ସମାଜକୁ ଦୃଢ଼ ଭାବେର ଦରି ରଖିଛି ତାହା ଧର୍ମ ନାମରେ ଅଭିହିତ। ଏହା ଯୁଗ ରୁଚି ସହ ପରିବର୍ତ୍ତନଶୀଳ। ଯୁଗେ ଯୁଗେ ମାନବ ସମାଜର ରୀତି, ନୀତି, ଚଳି-ଚଳଣି ଦ୍ୱାରା ନିୟନ୍ତ୍ରିତ। ଯୁଗର ଚେତନା, ଯୁଗର ଆଦର୍ଶ, ଯୁଗର ରୁଚି ଓ ନୀତି ଅନୁସରଣରେ ସମାଜ ନିତ୍ୟ, ନୂତନ ପୃଷ୍ଠଭୂମି ସୃଷ୍ଟି କରିଥାଏ। ଯାହାଦ୍ୱାରା ମଣିଷ ଜୀବନ ନିୟନ୍ତ୍ରିତ ହୋଇଥାଏ। ତେଣୁ ଜୀବନ ପ୍ରବାହର ଏକ ସ୍ରୋତ ହିଁ ଧର୍ମ। ନଦୀଧାରା ପରି ଧର୍ମଧାର ମଧ୍ୟୟ ପରିବର୍ତ୍ତିତ ହୋଇଥାଏ। ତେଣୁ ଜୀବନ ପ୍ରବାହର ଏକ ସ୍ରୋତ ହିଁ ଧର୍ମ।  ନଦୀଧାରା ପରି ଧର୍ମଧାରା ମଧ ପରିବର୍ତ୍ତିତ ହୋଇଥାଏ। ଯେତେବେଳେ ଆଦିମାନବ

ଗିରି ଗୁହା ମଧ୍ୟରେ ବାସ କରୁଥିଲା, ଗଛ  ବକଳ ପରିଧାନ କରୁଥିଲା, ମାଂସ ଭକ୍ଷଣ କରୁଥିଲା ସେତେବେଳେ ଗୋଟିଏ ସାମାଜିକ ଜୀବନ ମଧ୍ୟରେ ସମସ୍ତେ ଥିଲେ ଆବଦ୍ଧ। କିନ୍ତୁ କ୍ରମ ବର୍ଦ୍ଧମାନ ସମୟ ଚକୟରେ ଆଦିମାନବ ଯେତେବେଳେ ଜୀବନଯାପନ ଲାଗି ସମାଜ ଗଠନ କଲା ସାମାଜିକ ରୀତିନୀତି ମାନିବାକୁ ସେ ବାଧ ହେଲା। ତାହାହିଁ ଥିଲା ସେ ଯୁଗର ଧର୍ମ। ମାତ୍ର ଏହି ସାମାଜିକ ଜୀବନ ଯେ ଅବମାନନା କରୁଥିଲା। ସେ ବିଧର୍ମୀ ନାମରେ ପରିଚିତ ହେଉଥିଲା ସୁତରାଂ ପରମ୍ପରା ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବା ହିଁ ଧର୍ମର ନୀତି। ଧର୍ମ ମଣିଷ ଓ  ସମାଜକୁ ଶୃଙ୍ଖଳିତ ରୂପ ପ୍ରଦାନ କରିଥାଏ। ଯେଉଁଠି ଧର୍ମ ପରାହତ ସେଠାରେ ନୀତି ନାହିଁ, ଆଦର୍ଶ ନାହିଁ, ଶୃଙ୍ଖଳା ନାହିଁ କିମ୍ବା ଜୀବନରେ ସ୍ୱାଦୁ ନାହିଁ। ବସ୍ତୁତଃ ଯାହା ପ୍ରେମ, ସ୍ନେହ, ଅନୁରାଗ ସୃଷ୍ଟି କରେ, ମମତାର ବନ୍ଧନରେ ସମସ୍ତଙ୍କୁ ଆପଣାର କରିପାରେ, ନିଜେ ସୁଖରେ କାଳାତିପାତ କରିବା ସହ ଅନ୍ୟାର ସୁଖ ଦୁଃଖ ଚିନ୍ତା କରେ ତାହାହିଁ ପ୍ରକୃତ ଧର୍ମର ପରିଚାୟକ।

କଥାରେ କୁହାଯାଇଛି – "ଧର୍ମ ଏକା ସିନା ମହତ ପଣିଆ, ଆଉ ସବୁ କଥା ଅଢ଼େି ଦିନିଆ।" ବାସ୍ତବିକ ଧର୍ମର ପଥ ଅନୁସରଣ କରିବା ସତ୍ୟ ନ୍ୟାୟ ଧର୍ମର ପଥକୁ ଜୀବନର ଚରମ ବ୍ରତ ମନେକରି ଅନୁଗାମୀ ହେବା ସହଜ ସାଧ ନୁହେଁ। ଏସବୁ ଧର୍ମ ନୀତି ତାକୁ ବିଜୟୀ କରାଏ। ସେମାନେ ଜୀବନ ସଂଗ୍ରାମରେ ପରୀକ୍ଷିତ ହୋଇଥିବାରୁ ସମସ୍ତଙ୍କର ସମ୍ମାନ ଓ ଆଦରର ପାତ୍ର  ହୁଅନ୍ତି ସେଥିପାଇଁ କୁହାଯାଏ ଧର୍ମର ପରୀକ୍ଷା ବନ କଠୋର ଅସୀମ ଯନ୍ତ୍ରଣା ଲାଞ୍ଛନା ଶେଷରେ ରାଜା ହରିଶ୍ଚନ୍ଦ୍ର ସ୍ତ୍ରୀ, ପୁତ୍ରକୁ ବିକ୍ରୟ କରି ନିଜେ  ଚଣ୍ଡାଳର ଦାସତ୍ୱ ସ୍ୱୀକାର କରି ଦାନୀର ପରିଚୟ ଦେଇଥିଲେ। ସେହି ଧର୍ମର ମହାନୀୟତାହିଁ ତାଙ୍କୁ ବିପୁଳ ଗୌରବରେ ଭୂଷିତ କଲା।

ଧର୍ମର କ୍ଷୟ ନାହିଁ, ମୃତ୍ୟୁ ନାହିଁ, ମାତ୍ର ପାପର କ୍ଷୟ ଓ ବିଲୟ ରହିଛି। ପାପର ମାଦକତାରେ ମୂର୍ଖ ପାଷାଣ ଧରା ସରଜ୍ଞାନ କରେ। ମହିଷାସୁର କଂ କଥା ଚିନ୍ତା କଲାବେଳେ ବାସ୍ତବରେ ଏକ ପ୍ରଣିତ ଦୃଷ୍ଟି ସ୍ୱତଃ ଝରିପଡ଼େ। ଆଠରଦିନ ଧରି ହେବା ଭାରତ ମହାସମରରେ ପାଣ୍ଡବମାନଙ୍କର ଜୟ ହେଲା। କୌରବମାନେ ହେଲେ ନିଧନ ଓ ପରାସ୍ତ। ରାବଣ ଗର୍ବ ଅହଙ୍କାର ନେଇ ମୃତ୍ୟୁ ବରଣ କଲା। ରାମଚନ୍ଦ୍ର ଧର୍ମର ଧ୍ୱଜା ନେଇ ବିପୁଳ ବିଜୟ ହାସଲ କଲେ ସୁତରାଂ ଧର୍ମ ହିଁ ଜୀବନକୁ  ମଧୁମୟ କରେ ଓ ସୁଖର ସନ୍ଧାନ ଦିଏ। ବାସ୍ତବିକ ଧର୍ମର ଜୟ ହିଁ ପ୍ରକୃତ ଜୟ ଏଥିରେ ସନ୍ଦେହର ଅବକାଶ ନାହିଁ।

**(i)** ମାନବ କାହାଦ୍ୱାରା କିପରି ଭାବରେ ନିୟନ୍ତ୍ରିତ ?

**(ii)** ଧର୍ମର ଧାରା କିପରି ପରିବର୍ତ୍ତିତ ହୋଇଥାଏ ?



**(iii)** ଧର୍ମର ଅର୍ଥ କ'ଣ ? ସମାଜ ସହିତ ଏହାର କି ସମ୍ପର୍କ ରହିଛି।

**(iv)** ଧର୍ମର ପଥ ଅନୁସରଣ କରିବା ଦ୍ୱାରା କି କି ଲାଭ ହୋଇଥାଏ ?

**(v)** ପାପର କ୍ଷୟ ଓ ବିଲୟ ରହିଛି। ଏ କିପରି ପ୍ରମାଣିତ ହୋଇଛି ?

## ମାଣିତ୍ରୀ ଗଡ଼ର ଦଳବେହେରା

ମାଣିତ୍ରୀଗଡ଼ର ଦଳବେହେରା ଜଣେ ଦେଶଭକ୍ତ, ଦୟାଳୁ, ପରଦୁଃଖକାତର ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ।  ସେ ଭାଗବତ ଟୁଙ୍ଗୀରେ ଆସି ଅନ୍ୟମାନଙ୍କ ସହ ଭାଗବତ ପାଠ ଶୁଣୁଥିବାବେଳେ ବନମାଳୀ ନାମକ ଜଣେ ବ୍ୟକ୍ତି ସେଠାରେ ଇଂରେଜ ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ଗୁହାରି କରିଥିଲା। ପୂର୍ବେ ପ୍ରଜାମାନେ କଉଡ଼ିରେ ଖଜଣା ଦେଉଥିଲେ। କିନ୍ତୁ ଇଂରେଜମାନେ କଉଡ଼ି  ବଦଳରେ ଟଙ୍କାରେ ଖଜଣା ଦେବାକୁ ବାଧ କରିବା ଫଳରେ ପ୍ରଜାମାନଙ୍କ ପକ୍ଷରେ ଏହା ଅସମ୍ଭବ ହୋଇଥିଲା। ବନମାଳୀ ଏହି ବିଷୟ ପ୍ରକାଶ କରି ଦଳବେହେରାଙ୍କର ସାହାଯ୍ୟ ପ୍ରାର୍ଥନା କରିଥିଲା ଆଗ କାଳରେ ପ୍ରଜାମାନେ ମନଇଚ୍ଛା ଲୁଣ ମାରୁଥିଲେ। କିନ୍ତୁ ଇଂରେଜମାନେ ଏ ଦେଶ ଶାସନ କରିବା ପରେ ପ୍ରଜାମାନଙ୍କୁ ଲୁଣ ମାରିବା  ନିମନ୍ତେ ଅନୁମତି ଦେଇନଥିଲେ। ଲୁଣ ମରାଳିମାନଙ୍କ ଉପରେ ଅତ୍ୟାଚାର କରୁଥିବା ବିଷୟ ସୌରୀବଉ ବୁଢ଼ୀ କାନ୍ଦ କାନ୍ଦ ହୋଇ ଦଳବେହେରାଙ୍କ ନିକଟରେ ଜଣାଇଥିଲେ।

ଇଂରେଜ ଶାସକମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ କରିବା ସକାଶେ ଦଳବେହେରା ଦୃଢ଼ପରିକର ହୋଇଥିଲେ। ସରକାରଙ୍କୁ ଖଜଣା ନ ଦେବାପାଇଁ ଓ ପୂର୍ବପରି ଲୁଣମରା ଚାଲୁ ରଖିବା ପାଇଁ ଦୃଢ଼ ଓ ଗମ୍ଭୀର ଭାବେ ଘୋଷଣା କଲେ। ଗଡ଼ ଭିତରକୁ ଚତୁର୍ଦ୍ଦିଗରୁ ଥିବା ରାସ୍ତାକୁ ବଡ଼ ବଡ଼ ପଥର ଓ ଗଣ୍ଡିକାଠ ଦ୍ୱାରା ଅବରୋଧ କରି  ଦେବା ନିମନ୍ତେ ଆଦେଶ ଦେଇଥିଲେ ଓ ନାଏବ ସରକାରଙ୍କ ପକ୍ଷରୁ ଯେତେ ଚେଷ୍ଟା ଓ ଯତ୍ନ କଲେ ମଧ୍ୟ ମାଣିତ୍ରୀଗଡ଼ର ପ୍ରଜାମାନେ ଆଦୌ ଖଜଣା ଦେଲେନାହିଁ। ଦଳବେହେରାଙ୍କ ନେତୃତ୍ୱରେ କ୍ରମେ ଏହି ଆନ୍ଦୋଳନ ବିସ୍ତାରିତ ଓ ପ୍ରସାରିତ ହୋଇଥିଲା। ଏହି ପ୍ରଜା ଆନ୍ଦୋଳନର ଜ୍ୱଳନ୍ତ ଅଗ୍ନିଶିଖା କ୍ରମେ ଏପରି ପ୍ରବଳ ହୋଇଉଠିଲା ଯେ ସାହେବମାନେ ବିଶେଷ ଚିନ୍ତିତ ଓ ଉଦ୍‌ବିଘ୍ନ ହୋଇପଡ଼ିଲେ। ଦଳବେହେରାଙ୍କୁ ଧରି ଆଣି ଦେଲେ କିମ୍ବା ତାଙ୍କର କଟା ମୁଣ୍ଡ ଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲେ। ଏଇ ଲୋଭରେ କେତେକ ଗୁପ୍ତଚର ଦଳବେହେରାଙ୍କୁ ଧରିବାପାଇଁ ଯାଇଥିଲେ ମଧ୍ୟ ଅକୃତକାର୍ଯ୍ୟ ହୋଇ ଫେରିଥିଲେ।

**(i)** ଦଳବେହେରା କିଏ  ?

**(ii)** ତାଙ୍କ ନିକଟରେ କେଉଁମାନେ କ'ଣ ସବୁ ଗୁହାରି କରିଥିଲେ ?

(iii) ସୌରୀବୋଉ ବୁଢ଼ୀ କି ଅଭିଯୋଗ କରିଥିଲା ?

(iv) ଇଂରେଜ ଅତ୍ୟାଚାର ଓ ଅନ୍ୟାୟକୁ ରୋକିବା ପାଇଁ ଦଳବେହେରା କ'ଣ କରିଥିଲେ ?

(v) ସାହେବମାନେ କାହିଁକି ଚିନ୍ତିତ ହେଲେ ଓ କ'ଣ ଘୋଷଣା କଲେ ?

## ବ୍ୟାକରଣ

**ବିପରୀତ ଶବ୍ଦ ଲେଖ :**

1. ଅର୍ଥ : ଅନର୍ଥ
2. ଅଗ୍ରଜ : ଅନୁଜ
3. ଅକ୍ଷମ : କ୍ଷମ
4. ଅରୁଆ : ଉଷୁନା
5. ଅର୍ପଣ : ଗ୍ରହଣ
6. ଅଯଥା : ଯଥା
7. ଅମୃତ : ବିଷ
8. ଆଦାନ : ପ୍ରଦାନ
9. ଆକର୍ଷଣ : ବିକର୍ଷଣ
10. ଉନ୍ନତି : ଅବନତି
11. ଆହାର : ଅନାହାର
12. ଆଶ୍ରୟ : ଅନାହାର
13. ଉତ୍ଥାନ : ପତନ
14. ଊଣା : ଅଧିକ
15. ଆଲୋକ : ଅନ୍ଧକାର

**ପ୍ରତିଶବ୍ଦ :**

1. ଭ୍ରମର : ମଧୁପ, ମଧୁପାୟୀ, ମଧୁମକ୍ଷିକା, ଅଳି, ଷଟପଦ
2. ଯୁଦ୍ଧ : ସମର, ରଣ, ସଂଗ୍ରାମ, ଦ୍ୱନ୍ଦ
3. କୋଇଲି : ପିକ, କଳକଣ୍ଠ, ପରଭୂତ, ବସନ୍ତ, ଦୂତ, ବନପ୍ରିୟ



4. ଗଣେଷ : ଲମ୍ବୋଦର, ଗଜାନନ, ବିଘ୍ନରାଜ, ବିନାୟକ, ଏକଦନ୍ତ
5. ପଥର : ପ୍ରସ୍ତର, ପାଷାଣ, ଉପଳ
6. ନାଆ : ନାବ, ନୌକା, ତରଣୀ
7. ଶୀଘ୍ର : ତ୍ୱରିତ, ଚଞ୍ଚଳ, ଆଶୁ, କ୍ଷିପ୍ର, ଦ୍ରୁତ
8. ସମ୍ରାଟ : ରାଜେଶ, ଅଧିରାଜ, ସାର୍ବଭୌମ
9. ଲକ୍ଷ୍ମୀ : କମଳା, ପଦ୍ମା, ପଦ୍ମାଳୟା, ରମ୍ଭା, ଲୋକମାତା
10. ବ୍ୟୋମ : ଆକାଶ, ପଦ୍ମା, ପଦ୍ମାଳୟା, ରମ୍ଭା, ଲୋକମାତା
11. ବାତ : ଅନିଳ, ମରୁତ, ସମୀର, ସମୀରଣ, ଗନ୍ଧବହ
12. ତନୟା : ଦୁହିତା, ନନ୍ଦିନୀ, ଆତ୍ମଜା, କନ୍ୟା, ଝିଅ
13. ଗଜ : କୁଞ୍ଜର, ମାତଙ୍ଗ, ବାରଣ, କରୀ, ହସ୍ତୀ
14. ଅର୍ଣ୍ଣବ : ସମୁଦ୍ର, ପୟୋଧି, ରତ୍ନାକର, ବାରିଧି, ପାରାବର
15. ଜୀମୂତ : ବାରିଦ, ନୀରଦ, ମୁଦିର, ଅଭ୍ର, ମେଘ, ଅମ୍ବୁଦ

**ଅର୍ଥ ବୁଝାଇ ଦିଅ :**

1. ମୁହଁଦେବା : ପ୍ରଶୟ ଦେବା
2. ଯତି ପଡ଼ିବା : ମେଳ ଖାଇବା
3. ମୁଣ୍ଡରେ ବଜ୍ର ପଡ଼ିବା : ବଡ଼ ବିପଦ ପଡ଼ିବା
4. ମାଗି ଆଣିଲା ତିଅଣ : ଯାହା ଯଥେଷ୍ଟ ନୁହେଁ
5. ମାଙ୍କଡ଼ ହାତରେ ଶାଳଗ୍ରାମ : ଅଯୋଗ୍ୟ ହାତରେ ଦାୟିତ୍ୱ ଦେବା ।
6. ମହରଗରୁ ଯାଇ କାନ୍ତାରରେ ପଡ଼ିବା : ଗୋଟିଏ ବିପଦରୁ ଯାଇ ଅନ୍ୟ ଏକ ବିପଦରେ ପଡ଼ିବା
7. ଭେଳା ବୁଡ଼ିବା : ସର୍ବନାଶ ଘଟିବା
8. ଭୂତ ଖାଇବା : ଅକାରଣେ ନଷ୍ଟ ହେବା
9. ବାହାଘର ବେଳେ ବାଇଗଣ ରୋଇବା : ଦରକାରବେଳେ ମନେ ପକାଇବା
10. ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ : ମୂଳରୁ ଦୁଷ୍ଟ ।

11. ବାଘ ଘରେ ମିରିଗ ନାଟ : ସୀମା ବାହାରକୁ ଯିବାର ଦୁଃସାହସ

12. ବଣ ବିଛୁଆତି : ଜନ୍ମରୁ ଦୁଷ୍ଟ।

13. ଫସର ଫାଟିବା : ବ୍ୟର୍ଥ ହେବା।

14. କଚେ ପୁଅ ବାର : ଅପୂର୍ବ ସୁଯୋଗ ପାଇବାର ସୌଭାଗ୍ୟ

15. ପତର ଖଣ୍ଡି ଦିଖଣ୍ଡ ନ କରିବା : ନିଷ୍କର୍ମ ହୋଇ ବସି ରହିବା।

**ଅର୍ଥଗତ ପାର୍ଥକ୍ୟ ଲେଖ : (ସମୋଚ୍ଚାରିତ ଶବ୍ଦ)**

1. ପ୍ରଦାନ : ଦେବା।
   ପ୍ରଧାନ : ଶ୍ରେଷ୍ଠ।
2. ବାଳିଶ : ମୂର୍ଖ
   ବାଳୀଶ : ନାରୀ ଶ୍ରେଷ୍ଠ।
3. ବିଶଦ : ସ୍ପଷ୍ଟ
   ବିଷଦ : ଯେ ବିଷ ଦିଏ।
4. ନିଶିତ : ଶାଣିତ
   ନିଶୀଥ : ଅର୍ଦ୍ଧରାତ୍ର
5. ତଟସ୍ତ : ତାଟକା
   ତଟସ୍ଥ : କୂଳରେ ସ୍ଥିତ
6. ଚିର : ସର୍ବଦା
   ଚୀର : ଚିରା ଲୁଗା।
7. ଚତୁର : ସିଆଣିଆ ବା ଚାଲାକ
   ଚତୁର : ଚାରି (ସଂଖ୍ୟା ବିଶେଷ)
8. ଭୁତ ଖାଇବା : ଅକାରଣେ ନଷ୍ଟ ହେବା।
9. ମତ : ଇଚ୍ଛା
   ମତ୍ତ : ପାଗଳ।



10. ଶକ୍ତ : ସମର୍ଥ
    ସକ୍ତ : ଲଗ୍ନ।
11. ସର : ପୁଷ୍କରିଣୀ
    ଶର : ତୀର।
12. ସର୍ଗ : ଅଧ୍ୟାୟ
    ସ୍ୱର୍ଗ : ଦେବଲୋକ
13. ମେଦ : ଚର୍ବି
    ମେଧ : ଯଜ୍ଞ
14. ସୁତା : କନ୍ୟା
    ସୂତା : ସୂତ୍ର
15. ସୂଚୀ : ଛୁଞ୍ଚ
    ଶୁଚି : ପବିତ୍ରତା

**ଦୁଇଟି ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ କର। :**

1. ଅର୍ଥ : (ଅର୍ଥ-ମୁଦ୍ରା, ତାତ୍ପର୍ଯ୍ୟ)
2. କର : (ଅର୍ଥ -ହାତ,ଖଜଣା ବା ରାଜସ୍ୱ, କିରଣ)
3. ସନ୍ଧି : (ଅର୍ଥ-ଫାଙ୍କ, ସନ୍ଧିବେଳ)
4. ବାସ : (ଅର୍ଥ-ବସ୍ତ୍ର, ଗନ୍ଧ)
5. ବାଡ଼ି : (ଅର୍ଥ-ଯଷ୍ଟି, ଘରବାରି, ହଇଜା)
6. ବର୍ଣ୍ଣ : (ଅର୍ଥ- ଅକ୍ଷର, ଜାତି)
7. ପକ୍ଷ : (ଅର୍ଥ-କୃଷ୍ଣପକ୍ଷ, ଡେଣା, ପାର୍ଶ୍ୱ)
8. ତିଳ : (ଅର୍ଥ-ଖସା, ଦେହରତିଳ ଚିହ୍ନ)
9. ତାଳ : (ଅର୍ଥ-ତାଳଗଛ, ବାଦ୍ୟର ତାଳ)
10. ଗଣ୍ଡ : (ଅର୍ଥ -ନଈର ଗଣ୍ଡ, ଗଣ୍ଡ ମୂର୍ଖ)

11. କଳି : (ଅର୍ଥ-କଳିଯୁଗ, ବିବାଦ, ଝଗଡ଼ା)

12. ଗୁରୁ : (ଅର୍ଥ-ଗୁରୁବାର, ଶିକ୍ଷକ)

13. କ : (ଅର୍ଥ-ଜଳ, ବିଷ୍ଣୁ)

14. ଉତ୍ତର : (ଅର୍ଥ-ଦିଗ, ପ୍ରଶ୍ନର ଉତ୍ତର)

15. ଅଙ୍କ : (ଅର୍ଥ-ବର୍ଷ ବା ସାଲ, କୋଡ଼)

**ଭ୍ରମ ସଂଶୋଧନ କର :**

| | ଭୁଲ | | ଠିକ୍ |
|---|---|---|---|
| 1. | ନୀରୋଗୀ | : | ନୀରୋଗ |
| 2. | ଆଦ୍ରତା | : | ଆର୍ଦ୍ରତା |
| 3. | ଦିବାରାତ୍ରୀ | : | ଦିବାରାତ୍ର |
| 4. | ନିର୍ଦ୍ଦୋଷୀ | : | ନିର୍ଦ୍ଦୋଷ |
| 5. | ଉଜ୍ୱଳ | : | ଉଜ୍ଜ୍ୱଳ |
| 6. | ବିପନ୍ନ | : | ବିଷର୍ଣ୍ଣ |
| 7. | ବୃଥାରେ | : | ବୃଥା |
| 8. | ଅନାଥିନୀ | : | ଅନାଥା |
| 9. | ଏକତ୍ରିତ | : | ଏକତ୍ର |
| 10. | ସୌଜନ୍ୟତା | : | ସୌଜନ୍ୟ |
| 11. | ଉତ୍ୟକ୍ତ | : | ଉତ୍ତ୍ୟକ୍ତ |
| 12. | ଜେଷ୍ଠ | : | ଜ୍ୟୈଷ୍ଠ |
| 13. | ଉର୍ଦ୍ଧ | : | ଊର୍ଦ୍ଧ୍ୱ |
| 14. | ଅଭ୍ୟସ୍ଥ | : | ଅଭ୍ୟସ୍ତ |
| 15. | ମହିମାମୟ | : | ମହିମାମୟ |



**ଏକ ପଦରେ ପ୍ରକାଶ କର :**

| | | | |
|---|---|---|---|
| 1. | ଧନୁକୁ ଧାରଣ କରନ୍ତି ଯେ | : | ଧନୁର୍ଦ୍ଧର । |
| 2. | ଜୀବନ ଥିବା ପର୍ଯ୍ୟନ୍ତ | : | ଆଜୀବନ । |
| 3. | ମନକୁ ହରଣ କରେ ଯେ | : | ମନୋହର । |
| 4. | ଆପଣା ଉପରେ ନିର୍ଭର କରିବା ଶୀଳ ଯାହାର | : | ଆତ୍ମନିର୍ଭରଶୀଳ । |
| 5. | ସତ୍ୟ ଯାହାର ବୁଦ୍ଧି | : | ସଦ୍‌ବୁଦ୍ଧି । |
| 6. | ଇନ୍ଦ୍ରଙ୍କୁ ଜୟ କରିଅଛି ଯେ | : | ଇନ୍ଦ୍ରଜିତ୍ । |
| 7. | ମୂଳ ସମ୍ବନ୍ଧୀୟ | : | ମୌଳିକ । |
| 8. | ଯାହା କରିବା ଉଚିତ | : | କର୍ତ୍ତବ୍ୟ । |
| 9. | ଯାହା ଦେଖା ଯାଉଅଛି | : | ଦୃଷ୍ଟ । |
| 10. | ଯାହା ପୂଜାର ଯୋଗ୍ୟ | : | ପୂଜନୀୟ । |
| 11. | ଜଗିବା କାର୍ଯ୍ୟ ଯାହାର | : | ଜଗୁଆଳି । |
| 12. | ଯେପରି ଅନ୍ୟଜଣେ କରୁଛି ସେପରି କରିବା | : | ଅନୁକରଣ । |
| 13. | ପିତୃସମ୍ବନ୍ଧୀୟ | : | ପୈତୃକ |
| 14. | ଶକ୍ତିର ଉପାସକ | : | ଶାକ୍ତ |
| 15. | ପାଦଠାରୁ ମସ୍ତକ ପର୍ଯ୍ୟନ୍ତ | : | ଆପାଦମସ୍ତକ । |

**ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।**

1. କରିବାକୁ କର ହାସଲ ଲକ୍ଷ୍ୟ ଅଧ୍ୟବସାୟ ।
2. ଖାଇବାକୁ ମତେ ଭଲ ଭୋଜି ଲାଗେ ।
3. ନିସ୍ତୁକ ପିଲା ମାଡ଼ ଘେରକୁ ହେଲା ।
4. ସମସ୍ତେ କଲେ ଧନ୍ୟ ବିରର ପତିଙ୍କୁ ଧନ୍ୟ ।
5. ଶରତ ଦିଶେ ଆକାଶ ଋତୁରେ ନିର୍ମଳ ।
6. ଆମ ବଞ୍ଚାଏ କରି ଜୀବନ କାମ ଚଷୀ ମାଟିରେ ।

7. ପଡ଼ିଆରେ ମାନେ ଅଛନ୍ତି ଗାଇ ଚରେର।

8. ଗୋଟିଏ ବିଶାଳ ଭାରତ ଦେଶ।

9. ତୁମର ମହାନ୍ କ୍ଷମତା କରିବା ତୁମକୁ ଗୁଣ।

10. ଦିଶେ ରାତିରେ ଜହ୍ନ ନିର୍ମଳ ଆକାଶ।

11. ମଧ୍ୟରେ ହୁଏ ଜୟ ତରବାରୀ ଓ ଲେକନୀର ଲେଖନୀ।

12. କରନ୍ତି ଚିନ୍ତା କମ୍ ସେମାନେ କହନ୍ତି ଗୁଡ଼ାଏ ଯେଉଁମାନେ କଥା।

13. ଛାଡ଼ ଅଭ୍ୟାସ ଗୁଡାଏ କହିବା କଥା ଅଦରକାରୀ।

14. ନାହିଁ କେହି ଶତ୍ରୁ ଆଉ ବଡ଼ଠାରୁ ଖୋସାମତିଆକୁ।

15. ପ୍ରାର୍ଥନା ସବୁଠାରୁ ବଡ଼ ହେଉଛି ହିଁ ଧୈର୍ଯ୍ୟେ

**ଏହାର ଉତ୍ତର :**

1. ଲକ୍ଷ୍ୟ ହାସଲ କରିବାକୁ ଅଧ୍ୟବସାୟ କର।

2. ମତେ ଭୋଜି ଖାଇବାକୁ ଭଲ ଲାଗେ।

3. ପିଲାଚୋରକୁ ନିସ୍ତୁକ ମାଡ଼ ହେଲା।

4. ବିଚାରପତିଙ୍କୁ ସମସ୍ତେ ଧନ୍ୟ ଧନ୍ୟ କଲେ।

5. ଶରତ ଋତୁରେ ଆକାଶ ନିର୍ମଳ ଦିଶେ।

6. ଚାଷୀ ମାଟିରେ କାମ କରି ଆମ ଜୀବନ ବଞ୍ଚାଏ।

7. ଗାଇମାନେ ଚରଣ ପଡ଼ିଆରେ ଅଛନ୍ତି।

8. ଭାରତ ଗୋଟିଏ ବିଶାଳ ଦେଶ।

9. ତୁମର କ୍ଷମା ଗୁଣ ତୁମକୁ ମହାନ୍ କରିବ।

10. ଜହ୍ନ ରାତିରେ ଆକାଶ ନିର୍ମଳ ଦିଶେ।

11. ତରବାରୀ ଓ ଲେଖନୀ ମଧ୍ୟରେ ଲେଖନୀର ଜୟ ହୁଏ।

12. ଯେଉଁମାନେ ଗୁଡାଏ କଥା କହନ୍ତି ସେମାନେ କମ୍ ଚିନ୍ତା କରନ୍ତି।

13. ଗୁଡ଼ାଏ ଅଦରକାରୀ କଥା କହିବା ଅଭ୍ୟାସ ଛାଡ଼।



14. ଖୋସାମତିଆଙ୍କଠାରୁ ବଡ଼ ଶତ୍ରୁ ଆଉ କେହି ନାହିଁ।

15. ଧୈର୍ଯ୍ୟ ହିଁ ହେଉଛି ସବୁଠାରୁ ବଡ଼ ପ୍ରାର୍ଥନା।

| **ଶବ୍ଦ** | | **ପ୍ରତିଶବ୍ଦ** |
|---|---|---|
| ଆମ୍ବର | : | ଆକାଶ, ଗଗନ, ବ୍ୟୋମ, ନଭ, ଅନ୍ତରୀକ୍ଷ। |
| ଅଗ୍ନି | : | ଅନଳ, ହୁତାଶନ, ଚିତ୍ରଭାନୁ, ବହ୍ନି, ବୈଶ୍ୱାନର, ନିଆଁ, ବୃହତଭାନୁ, ଜ୍ୱଳନ, କୃପୀଟଯୋନି, ସପ୍ତଜିହ୍ୱ। |
| ଅସୁର | : | ରାକ୍ଷସ, ଦନୁଜ, ଦାନବ, ଦୈତ୍ୟ, କର୍ବୁର, କୌଣପ, ନିଶାଚର, ଯାତୁଧାନ। |
| ଗାଇ | : | ଧେନୁ, ଗାଭୀ, ଗୋମାତା। |
| ଘର | : | ଗୃହ, ଭବନ, ସଦନ, ଆଗାର, ଆଳୟ, ନିକେତନ, ନିଳୟ, ନିବାସ। |
| ଘୋଡ଼ା | : | ଘୋଟକ, ତୁରଙ୍ଗ, ତୁରଗ, ତୁରଙ୍ଗମ, ଅଶ୍ୱ, ହୟ, ବାଜି। |
| ଚକ୍ଷୁ | : | ନୟନ, ନେତ୍ର, ଲୋଚନ, ଆଖି। |
| ଚନ୍ଦ୍ର | : | ଜହ୍ନ, ଚନ୍ଦ୍ରମା, ଇନ୍ଦୁ, ମୃଗାଙ୍କ, ଶଶାଙ୍କ, କଳାକର, ନିଶାକର, ସୁଧାକର, ଶୀତାଶୁ, ହିମାଂଶୁ, ଶଶୀ, ବିଧୁ, ଚାନ୍ଦ, ସିତାଂଶୁ କଳାନିଧି। |
| ଜଳ | : | ନୀର, ବାରି, ସଳିଳ, ଅମ୍ବୁ, ପୟଃ, ତୋୟ, ଉଦକ, ଜୀବନ |
| ଦେବତା | : | ଦେବ, ଅମର, ସୁର, ବିବୁଧ, ତ୍ରିଦଶ, ଆଦିତେୟ, ଦିବିଷଦ। |
| ନଦୀ | : | ତଟିନୀ, ତରଙ୍ଗିଣୀ, ସରିତ, ନିମ୍ନଗା, ସ୍ରୋତସ୍ୱିନୀ, ପୟସ୍ୱିନୀ। |
| ପୃଥିବୀ | : | ଧରଣୀ, ଅବନୀ, ମହୀ, ମଦିନୀ, ଧରିତ୍ରୀ, ବସୁମତୀ, ବସୁନ୍ଧରା, ବିଶ୍ୱମ୍ଭରା, ଧରା, ରସା, କ୍ଷମା। |
| ପକ୍ଷୀ | : | ବିହଗ, ବିହଙ୍ଗମ, ବିହଙ୍ଗ, ଖଗ, ଦ୍ୱିଜ, ଅଣ୍ଡଜ। |
| ପବନ | : | ବାତ, ସମୀର, ସମୀରଣ, ଅନିଳ, ବାୟୁ ଗନ୍ଧବହ, ପ୍ରଭଞ୍ଜନ |
| ପର୍ବତ | : | ଗିରି, ଅଚଳ, ଶୈଳ, ଭୂଧର, ମହାଧର, ଶିଖରୀ, |
| ପଦ୍ମ | : | ପଙ୍କଜ, ସରୋଜ, କମଳ, ନଳିନୀ, ସାରସ, ରାଜୀବ, ଅରବିନ୍ଦ, ତାମରସ, ବାରିଜ, ବନଜ, ଉତ୍ପଳ, ନଳୀନ, । |

ପିତା : ପିଅର, ଜନକ, ତାତ, ବାପା।

ପୁତ୍ର : ସୁତ, କୁମର, ତନୟ, ଆତ୍ମଜ, ନନ୍ଦନ।

ପୋଖରୀ : ସର, ସରସୀ, ତଡ଼ାଗ, ପୁଷ୍କରିଣୀ, ସରୋବର, କାସାର।

ପ୍ରଭାତ : ଉଷା, ପ୍ରତ୍ୟୁଷ, ପ୍ରାତଃ।

ଫୁଲ : ସୁମନ, କୁସୁମ, ପୁଷ୍ପ, ପ୍ରସୂନ।

ବନ : କାନନ, ବିପିନ, ଅରଣ୍ୟ, ଜଙ୍ଗଲ, ଅଟବୀ।

ବୃକ୍ଷ : ପାଦପ, ଦ୍ରୁମ, ତରୁ, ମହୀରୁହ, ବିଟପୀ।

ବିଜୁଳି : ବିଦ୍ୟୁତ୍, ତଡ଼ିତ୍, କ୍ଷଣପ୍ରଭା, ଚପଳା, ଚଞ୍ଚଳା, ସୌଦାମିନୀ, ସୌଦାମନୀ।

ମାଙ୍କଡ଼ : ମର୍କଟ, କପି, ବାନର, ଶାଖାମୃଗ, ଫିଙ୍ଗ, ପ୍ଳବଗ।

ମେଘ : ବାରିଦ, ନୀରଦ, ଜଳଦ, ଘନ, ଜଳଧର, ଜୀମୂତ, ପୟୋଦ, ବଳାହକ, ବାରିବାହ।

ମୟୂର : ଶିଖୀ, କେଜୀ, କଳାପୀ, ବର୍ହୀ।

ମନୁଷ୍ୟ : ମାନବ, ମନୁଜ, ନର, ମଣିଷ।

ରାତ୍ରି : ରଜନୀ, ଯାମିନୀ, ନିଶା, ନିଶିଥିନୀ, ଶର୍ବରୀ, ବିଭାବରୀ, କ୍ଷପା, ନକ୍ତ, କ୍ଷରଦା।

ସୂର୍ଯ୍ୟ : ରବି, ତପନ, ଭାସ୍କର, ଦିନକର, ଦିବାକର, ଦିନନାଥ, ପ୍ରଭାକର, ଆଦିତ୍ୟ, ଦିନମଣି, ମିହିର, ସବିତା, ସହସ୍ରାଂଶୁ, ଅଂଶୁମାଳୀ, ମାର୍ତ୍ତଣ୍ଡ, ଭାନୁ, ବିକର୍ତ୍ତନ, ବିବସ୍ୱାନ।

ସଂସାର : ଜଗତ୍, ବ୍ରାହ୍ମଣ୍ଡ, ବିଶ୍ୱ, ଭୁବନ।

ସମୁଦ୍ର : ସାଗର, ସିନ୍ଧୁ, ଜଳଧି, ବାରିଧି, ଉଦଧି, ରତ୍ନାକର, ଅମ୍ବୁଧି, ବାରାନିଧି, ପାରବାର, ଅର୍ଣ୍ଣବ, ପୟୋଧି, ପୟୋନିଧି, ଜଳନିଧି, ଅମ୍ଭୋଧି, ସରିତ୍ପତି, ଅମ୍ଭୋନିଧି।

ସାପ : ବିଷଧର, ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, ଫଣୀ, ଅହି, ଚକ୍ଷୁଶ୍ରବା, କୁଣ୍ଡଳୀ।



ସିଂହ : କେଶରୀ, ପଶୁରାଜ, ମୃଗେନ୍ଦ୍ର, ମୃଗପତି, ମୃଗରାଜ, କଣ୍ଠୀରବ, ପଞ୍ଚାସ୍ୟ।

ସନ୍ଧ୍ୟା : ପ୍ରଦୋଷ, ନିଶାମୁଖ, ସାୟଂକାଳ।

ହସ୍ତୀ : କରୀ, ଗଜ, ବାରଣ, ଦନ୍ତୀ, ମାତାଙ୍ଗ, ଦ୍ୱିରଦ, ସାରଙ୍ଗ, କୁଞ୍ଜର ଦ୍ୱିପ, ଅନେକପ।

| <u>ଶବ୍ଦ</u> | | <u>ବିପରୀତାର୍ଥବୋଧକ ଶବ୍ଦ</u> |
|---|---|---|
| ଅଗ | : | ମୂଳ |
| ଅଗ୍ର | : | ପଶ୍ଚାତ |
| ଅଧିକ | : | ଅନଧିକ / ଊଣା |
| ଅନୁରାଗ | : | ବିରାଗ |
| ଅନୁକୂଳ | : | ପ୍ରତିକୂଳ |
| ଅମୃତ | : | ବିଷ / ହଳାହଳ |
| ଅନୁରକ୍ତ | : | ବିରକ୍ତ |
| ଅନୁଗ୍ରହ | : | ନିଗ୍ରହ |
| ଅପେକ୍ଷା | : | ଉପେକ୍ଷା |
| ଅଭିଜ୍ଞ | : | ଅନଭିଜ୍ଞ |
| ଅସଲ | : | ନକଲ |
| ଅଲଣା | : | ଲୁଣିଆ |
| ଅବାଧ୍ୟ | : | ବାଧ୍ୟ |
| ଅପାୟ | : | ଉପାୟ |
| ଅସୀମ | : | ସସୀମ |
| ଆଗ | : | ପଛ |
| ଆଦ୍ୟ | : | ପ୍ରାନ୍ତ |

| | | | |
|---|---|---|---|
| ଆକାଶ : | ପାତାଳ | | |
| ଆନନ୍ଦ : | ନିରାନନ୍ଦ, ବିଷାଦ | | |
| ଆରମ୍ଭ : | ଶେଷ | | |
| ଆପଣା : | ପର | | |
| ଆଲୁଅ : | ଅନ୍ଧାର | | |
| ଆସ୍ତିକ : | ନାସ୍ତିକ | | |
| ଆଶୀର୍ବାଦ : | ଅଭିଶାପ | | |
| ଆବିର୍ଭାବ : | ତିରୋଭାବ / ତିରୋଧାନ | | |
| ଆବାହନ : | ବିସର୍ଜନ | | |
| ଆଦାନ : | ପ୍ରଦାନ | | |
| ଆର୍ଦ୍ର : | ଶୁଷ୍କ | | |
| ଆରୋହ : | ଅବରୋହ | | |
| ଆରୋହଣ : | ଅବରୋହଣ | | |
| ଅତୀତ : | ବର୍ତ୍ତମାନ | | |
| ଇହ : | ପର | | |
| ଇଷ୍ଟ : | ଅନିଷ୍ଟ | | |
| ଉଦ୍‌ବେଗ : | ନିରୁଦ୍‌ବେଗ | | |
| ଉତ୍‌ଥାନ : | ପତନ | | |
| ଉପକାର : | ଅପକାର | | |
| ଆମଦାନି : | ରପ୍ତାନୀ | ଚେମଡ଼ା : | ମସ୍କା |
| ଉଦୟ : | ଅସ୍ତ | ଚଳ : | ଅଚଳ |
| ଉନ୍ନତି : | ଅବନତି | ଚଞ୍ଚଳ : | ମଠ / ଧୀର |
| ଉଠାଣି : | ଗଡ଼ାଣି | ଉପଚୟ : | ଅପଚୟ |



| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ | ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|---|---|
| ଉପଚୟ : | ଅପଚୟ | ଜନ୍ମ : | ମୃତ୍ୟୁ |
| ଉତ୍କର୍ଷ : | ଅପକର୍ଷ | ଜାତ /ଜୀବନ : | ଅଜାତ / ମୃତ |
| ଉଦାର : | ଅନୁଦାର | ଜ୍ୟେଷ୍ଠ : | କନିଷ୍ଠ |
| ଉଚ୍ଚ : | ନୀଚ | ଜାଗ୍ରତ : | ସୁପ୍ତ |
| ଉତ୍ସାହ : | ନିରୁତ୍ସାହ | ଜ୍ୱଳନ୍ତ : | ନିର୍ବାପିତ |
| ଉର୍ବର : | ଅନୁର୍ବର | ଜୁଆର : | ଭଟ୍ଟା |
| | | ଜୀର୍ଣ୍ଣ : | ଅଜୀର୍ଣ୍ଣ |
| ଓଦା : | ଶୁଖିଲା | ଜନ୍ମ : | ମରଣ |
| କପଟ : | ନିଷ୍କପଟ / ଅକପଟ | ଜ୍ଞାତ : | ଅଜ୍ଞାତ |
| କଠିନ : | କୋମଳ | ଜ୍ଞାନୀ : | ଅଜ୍ଞାନ |
| କୋମଳ : | କର୍କଶ / ରୁକ୍ଷ | ଡେଙ୍ଗା : | ଗେଡ଼ା / ବାଙ୍ଗରା |
| କୀର୍ତ୍ତି : | ଅପକୀର୍ତ୍ତି / ଅକୀର୍ତ୍ତି | ତୁଷ୍ଟ : | ରୁଷ୍ଟ |
| କୃତଜ୍ଞ : | କୃତଘ୍ନ | ତୋଷ : | ରୋଷ |
| କୃପଣ : | ବଦାନ୍ୟ | ଥଣ୍ଡା : | ଗରମ |
| କଞ୍ଚା : | ପାଚିଲା | ଦିନ : | ରାତି |
| କରୁଣ : | ନିଷ୍କରୁଣ | ଦୁଷ୍ଟ : | ଶିଷ୍ଟ |
| କାରଣ : | ଅକାରଣ | ଦୁଷ୍କର୍ମ : | ସୁକର୍ମ |
| କଳଙ୍କ : | ନିଷ୍କଳଙ୍କ | ଦୋଷୀ : | ନିର୍ଦ୍ଦୋଷ |
| କୁକର୍ମ : | ସୁକର୍ମ | ଦୁର୍ବଳ : | ସବଳ |
| ଖାଲ : | ଢିପ | ଦୟାଳୁ : | ନିର୍ଦ୍ଦୟ |
| ଖାଣ୍ଟି : | ଭେଜାଲ୍ | ଦୁର୍ଦ୍ଦାନ୍ତ : | ନିରୀହ |
| ଖୋଲା : | ମୁଦା | ଧନୀ : | ନିର୍ଦ୍ଧନ |

| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|
| ଖରାପ | ଭଲ |
| ଖେଦ | ହର୍ଷ |
| ଗୁରୁ | ଲଘୁ |
| ନର୍କ(ନରକ) | ସ୍ୱର୍ଗ |
| ଗଣତନ୍ତ୍ର | ରାଜତନ୍ତ୍ର |
| ଚେତନ | ଅଚେତନ |
| ନିତ୍ୟ | ଅନିତ୍ୟ |
| ନିଦା | ପୋଲା |
| ଫମ୍ପା | ନିଦା |
| ନୂତନ | ପୁରାତନ |
| ନିନ୍ଦା | ପ୍ରଶଂସ |
| ନୀତି | ଅନୀତି |
| ନୂଆ | ପୁରୁଣା |
| ନିଶ୍ଚିତ | ଅନିଶ୍ଚିତ |
| ନିର୍ବାଣ | ଅନିର୍ବାଣ |
| ନିୟମ | ବେନିୟମ /ଅନିୟମ |
| ନିଜ | ପର |
| ନିଷ୍କାମ | ସକାମ |
| ନିର୍ଦ୍ଦିଷ୍ଟ | ଅନିର୍ଦ୍ଦିଷ୍ଟ |
| ନିରପେକ୍ଷ | ସାପେକ୍ଷ /ପକ୍ଷପାତ |
| ନ୍ୟାୟ | ଅନ୍ୟାୟ |
| ପଣ୍ଡିତ | ମୂର୍ଖ |

| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|
| ଧର୍ମ | ଅଧର୍ମ |
| ଧୀର | ଅଧୀର/ ଚଞ୍ଚଳ |
| ଗରିମା | ଲଘିମା |
| ଗମ୍ୟ | ଅଗମ୍ୟ |
| ଖ୍ରୀଷ୍ଟପୂର୍ବ | ଖ୍ରୀଷ୍ଟପର |
| ବଳକା | ନିଅଣ୍ଟ |
| ବନ୍ଧନ | ମୋଚନ |
| ବାହାର | ଭିତର |
| ବଦ୍ଧ | ମୁକ୍ତ |
| ବିଭକ୍ତ | ଅବିଭକ୍ତ |
| ବାହ୍ୟ | ଆଭ୍ୟନ୍ତରୀଣ |
| ଭଲ | ମନ୍ଦ |
| ଭୀମ | କ୍ରାନ୍ତ |
| ଭୀର | ନିର୍ଭୀକ |
| ଭେଦ | ଅଭେଦ |
| ଭକ୍ଷକ | ରକ୍ଷକ |
| ମଲା | ଜୀଅନ୍ତା |
| ମାନ | ଅପମାନ |
| ମସୃଣ | ବନ୍ଧୁର |
| ମଠ | ଚଞ୍ଚଳ |
| ମହଙ୍ଗା | ଶସ୍ତା |



| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|
| ପଢ଼ିଆ | ଉଠିଆ |
| ପ୍ରତ୍ୟୁଷ | ପ୍ରଦୋଷ |
| ପରୋକ୍ଷ | ପ୍ରତ୍ୟକ୍ଷ |
| ପାପ | ପୁଣ୍ୟ |
| ପ୍ରବେଶ | ପ୍ରସ୍ଥାନ |
| ପ୍ରସନ୍ନ | ଅପ୍ରସନ୍ନ / ବିଷଣ୍ଣ |
| ପୁରସ୍କାର | ତିରସ୍କାର |
| ପ୍ରାକୃତିକ | କୃତ୍ରିମ |
| ପ୍ରସାରଣ | ସଙ୍କୋଚନ |
| ପକ୍ଷପାତିତା | ନିରପେକ୍ଷତା |
| ପରିଣାମ | ଅପରିଣାମ |
| ପ୍ରାଚୀନ | ଅର୍ବାଚୀନ /ନବୀନ |
| ପୂର୍ବାହ୍ନ | ଅପରାହ୍ଣ |
| ସଂଯୋଗ | ବିଯୋଗ |
| ସରବ | ନୀରବ |
| ସମ | ବିଷମ |
| ସୁଖୀ | ଅସୁଖୀ / ଦୁଃଖୀ |
| ସୁଗମ | ଦୁର୍ଗମ |
| ସୁଖ | ଦୁଃଖ |
| ସଶ୍ର | ଅଶ୍ରମ |
| ସପକ୍ଷ | ବିପକ୍ଷ |
| ସବଳ | ଦୁର୍ବଳ |

| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|
| ମୂକ | ବାଚାଳ |
| ମାରଣ | ତାରଣ |
| ମୁଖ୍ୟ | ଗୌଣ |
| ମଇଳା /ମସିଆ | ସଫା |
| ମିଶ୍ରିତ | ଅମିଶ୍ରିତ |
| ମୀମାଂସା | ଅମୀମାଂସା |
| ମିତ୍ର | ଶତ୍ରୁ |
| ପ୍ରବୃତ୍ତି | ନିବୃତ୍ତି |
| ରୁଗଣ /ରୋଗୀ | ନୀରେଗ |
| ରୋଜଗାର | ବେରୋଜଗାର |
| ଲୋଭୀ | ନିର୍ଲୋଭ |
| ସଂକୀର୍ଣ୍ଣ | ପ୍ରଶସ୍ତ |
| ସୁନ୍ଦର | ଅସୁନ୍ଦର / କୁତ୍ସିତ |
| ସୁଗୁଣ | ଦୁର୍ଗୁଣ |
| ସ୍ଥାବର | ଅସ୍ଥାବର |
| ସମ୍ପଦ | ବିପଦ |
| ସାକ୍ଷର | ନିରକ୍ଷର |
| ସ୍ୱାତନ୍ତ୍ର | ପରତନ୍ତ୍ର |
| ସ୍ୱାଧୀନ | ପରାଧୀନ |
| ସାଧୁ | ଅସାଧୁ |
| ସ୍ୱକୀୟ | ପରକୀୟ |
| ସୁଖ | ଦୁଃଖ |

| ଶବ୍ଦ | | ବିପରୀତାର୍ଥବୋଧକ ଶବ୍ଦ | ଶବ୍ଦ | | ବିପରୀତାର୍ଥବୋଧକ ଶବ୍ଦ |
|---|---|---|---|---|---|
| ସଂକ୍ଷିପ୍ତ | : | ବିସ୍ତୃତ | ହର୍ଷ | : | ବିଷାଦ |
| ସଜ | : | ବାସୀ | ହ୍ରସ୍ୱ | : | ଦୀର୍ଘ |
| ସମଷ୍ଟି | : | ବ୍ୟଷ୍ଟି | ହ୍ରାସ | : | ବୃଦ୍ଧି |
| ସାମ୍ୟ | : | ବୈଷମ୍ୟ | ହିସାବୀ | : | ବେହିସାବୀ |
| ସୂକ୍ଷ୍ମ | : | ସ୍ଥୂଳ | ହାନି | : | ଲାଭ |
| ସୁଲଭ | : | ଦୁର୍ଲଭ | କ୍ଷୁଦ୍ର | : | ବୃହତ୍ |
| ସୁକୃତ | : | ଦୁଷ୍କୃତ | କ୍ଷତ | : | ଅକ୍ଷତ |
| ସରଳ | : | ଜିଟିଳ /କୁଟିଳ/ବକ୍ର | ସୁକୃତ | : | ଦୁଷ୍କୃତ |
| ସୁ | : | କୁ | ଖଟା | : | ମିଠା |
| ଅରୁଆ | : | ଉଷୁନା | ଜଳ | : | ସ୍ଥଳ |
| ଆଗ | : | ପଛ | ଦୈର୍ଘ୍ୟ | : | ପ୍ରସ୍ଥ |
| ଆଜି | : | କାଲି | ହାସ୍ୟ | : | କାରୁଣ୍ୟ |
| କଳା | : | ଧଳା | ଯଜମାନ | : | ପୁରୋହିତ |
| କାୟା | : | ଛାୟା | ପିଲା | : | ବୁଢ଼ା |
| ପ୍ରଶ୍ନ | : | ଉତ୍ତର | ଶାରୀରିକ | : | ମାନସିକ |
| ବକ୍ତା | : | ଶ୍ରୋତା | ସ୍ୱର୍ଗ | : | ମର୍ତ୍ତ୍ୟ |
| ବାଳୁତ | : | ବୃଦ୍ଧ | ପତି | : | ପତ୍ନୀ |
| ମୁଦେଇ | : | ମୁଦାଲା | ପିତା | : | ପୁତ୍ର |
| ହିସବ | : | ବେହିସାବ | କ୍ଷୀଣ | : | ପୃଥୁଳ |

**ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦ :**

| ଶବ୍ଦ | | ଅର୍ଥ | ଶବ୍ଦ | | ଅର୍ଥ |
|---|---|---|---|---|---|
| ଅଂଶ | : | ଭାଗ | ଉପାଦାନ | : | ଉପକରଣ |
| ଅଂସ | : | କାନ୍ଧ | ଉପାଧାନ | : | ତକିଆ |
| ଅସି | : | ଖଡ୍ଗ | କୁଳ | : | ବଂଶ |



| ଶବ୍ଦ | | ଅର୍ଥ | ଶବ୍ଦ | | ଅର୍ଥ |
|---|---|---|---|---|---|
| ଅଶୀ | : | ସଂଖ୍ୟାବିଶେଷ (୮୦) | କୂଳ | : | ତଟ |
| ଅସନ | : | କ୍ଷେପଣ | କୁଜନ | : | ଖରାପଲୋକ |
| ଅଶନ | : | ଭୋଜନ | କୂଜନ | : | ପକ୍ଷୀର ରବ |
| ଅନ୍ନ | : | ଭାତ | କୃତି | : | କାର୍ଯ୍ୟ |
| ଅର୍ଣ୍ଣ | : | ଜଳ | କୃତୀ | : | ଦକ୍ଷ |
| ଅନ୍ନଦ | : | ଯିଏ ଅନ୍ନଦିଏ | କାଳୀ | : | ଠାକୁରାଣୀ |
| ଅନିଳ | : | ବାୟୁ | କାଳି | : | କାଳିମା |
| ଅନୀଳ | : | ନୀଳନୁହେଁ ଯେ | ଗିରଶ | : | ମହାଦେବ |
| ଅଳିକ | : | ଲଲାଟ | ଗିରୀଶ | : | ଗିରିଶ୍ରେଷ୍ଠ(ହିମାଳୟ) |
| ଅଳୀକ | : | ମିଥ୍ୟା | ଗୁଣି | : | ତନ୍ତ୍ରବିଦ୍ୟା |
| ଆହୂତି | : | ଯଜ୍ଞରେ ଘୃତ ଆହୁତି | ଗୁଣୀ | : | ଗୁଣବାନ |
| ଆୟତ | : | କ୍ଷେତ୍ର ବିଶେଷ | ଚରିତ୍ର | : | ଆଚରଣ |
| ଆୟତ୍ତ | : | ଅଧୀନ | ଚିର | : | ଦୀର୍ଘକାଳ |
| ଆବୃତ | : | ଆଚ୍ଛାଦିତ | ଚୀର | : | ଚିରା /ଛିଣ୍ଡାକନା |
| ଆବୃତ୍ତ | : | ଅଭ୍ୟାସ /ପୁନଃ ପୁନଃ | ଚୁଡ଼ା | : | ଖାଦ୍ୟବିଶେଷ |
| | | ଉଚ୍ଚାରିତ | ଚୂଡ଼ା | : | ଅଗ୍ରଭାଗ |
| ଆଭାଷ | : | ଭାଷଣ | ଚୂତ | : | ଆମ୍ବ |
| ଆଭାସ | : | ଇଙ୍ଗିତ | ଚ୍ୟୁତ | : | ସ୍ଖଳିତ |
| ଇତି | : | ଅତିବୃଷ୍ଟି ଏବଂ ଅନାବୃଷ୍ଟି | ଜବ | : | ବେଗ |
| | | ଆଦି ବିପର୍ଯ୍ୟୟ | ଯବ | : | ଶସ୍ୟବିଶେଷ |
| ଇତି | : | ଶେଷ | ଜାତ | : | ଜନ୍ମହୋଇଥିବା/ |
| ଈଶ | : | ଈଶ୍ୱର | | | ଉତ୍ପନ |

| ଶବ୍ଦ | | ଅର୍ଥ | ଶବ୍ଦ | | ଅର୍ଥ |
|---|---|---|---|---|---|
| ଈଷ | : | ଲଙ୍ଗଳ ଦଣ୍ଡ | ଯାତ | : | ଯାତ୍ରା /ଯାଇଥିବା |
| ତରଣି | : | ସୂର୍ଯ୍ୟ | ପୁତ | : | ପୁଅ |
| ତରଣୀ | : | ନୌକା | ପୂତ | : | ପବିତ୍ର |
| ଦିନ | : | ଦିବସ | ପୁର | : | ନଗର |
| ଦୀନ | : | ଦରିଦ୍ର / ଗରିବ | ପୂର | : | ପ୍ରବାହ /ପିଠାରପୂର |
| ଦ୍ୱୀପ | : | ଟାପୁ / ଜଳବେଷ୍ଟିତ | ପ୍ରସାଦ | : | ଭୋଗ /କୃଷା |
| | | ସ୍ଥଳଭାଗ | ପ୍ରାସାଦ | : | କୋଠା / ଅଟ୍ଟାଳିକା |
| ଦୀପ | : | ପ୍ରଦୀପ | ପୁଷ୍ଟ | : | ମୋଟା /ପାଳିତ |
| ଦ୍ୱିପ | : | ହସ୍ତୀ | ପୃଷ୍ଟ | : | ପଚରାଯାଇଥିବା |
| ଦୂତ | : | ଚର | ପୃଷ୍ଠ | : | ପିଠି / ପଛ |
| ଦ୍ୟୁତ | : | ପଶାଖେଳ | ପୀତ | : | ହଳଦିଆ |
| ଶାନ୍ତ | : | ଧୀରସ୍ଥିର | ପିଣ୍ଡ | : | ଶରୀରସ୍ଥ ଧାତୁ |
| ସାନ୍ତ | : | ଅନ୍ତସହିତ / ସମୀମ | ପରୀକ୍ଷା | : | ଉତ୍ତମରୂପେ ଦେଖିବା |
| | | (ଜୀବନସାନ୍ତ, କାଳଅନନ୍ତ) | ପରିଖା | : | ଗଡ଼ଖାଇ |
| | | | ପ୍ରକାର | : | ରକମ |
| ନିରାଶ | : | ଆଶାହୀନ | ପ୍ରାକାର | : | ପାଚେରି |
| ନିରାସ | : | ନିରାକରଣ | ପ୍ରସ୍ତ | : | ସ୍ତର |
| ନିବାର | : | ବାରଣ କର | ପ୍ରସ୍ଥ | : | ଓସାର |
| ନୀବାର | : | ବନ୍ୟଧାନ୍ୟ / | ଫନ୍ଦ | : | ଓସାର |
| | | ବାଲୁଙ୍ଗା | ଫାନ୍ଦ | : | ଫାଶ/ଫାନ୍ଦିବା |
| ନିତି | : | ପ୍ରତିଦିନ | ବନ୍ଧ | : | ବନ୍ଧା |



| ଶବ୍ଦ | | ଅର୍ଥ | ଶବ୍ଦ | | ଅର୍ଥ |
|---|---|---|---|---|---|
| ନୀତି | : | ନିୟମ | ବଧ | : | ହତ୍ୟା |
| ପଟ | : | ବସ୍ତ୍ର | ବଳି | : | ତ୍ୟାଗ /ହତ୍ୟା |
| ପଟ୍ଟ | : | ଶ୍ରେଷ୍ଠ | ବଳୀ | : | ବଳୁଆ |
| ପରିଚ୍ଛଦ | : | ପୋଷାକ | ବିସ୍ୱ | : | ପଦ୍ମନାଡ଼ |
| ପରିଚ୍ଛେଦ | : | ଅଧ୍ୟାୟ / ବିଭାଗ | ବିଷ | : | ଗରଳ |
| ପାବନି | : | ପବନ ପୁତ୍ର | ବୃତି | : | ବରଣ /ବବରଣ/ |
| | | ହନୁମାନ / ଭୀମ | | | ଆବରଣ |
| ପାବନୀ | : | ପବିତ୍ରକାରିଣୀଗଙ୍ଗା | ବୃତ୍ତି | : | ଜୀବିକା |
| ବାଳିଶ | : | ମୂର୍ଖ | ଶର | : | ତୀର |
| ବାଳୀଶ | : | ନାରୀରତ୍ନ | ସର | : | ପୋଖରୀ /ଦୁଧସର |
| ବିଶଦ | : | ସ୍ୱଷ୍ଟ / ବିସ୍ତୃତ | ଶୁକ | : | ଶୁଆ |
| ବିଷଦ | : | ଯେ ବିଷଦିଏ | ଶୂକ | : | ଧାନ୍ୟାଦିର ଅଗ୍ରଭାଗ |
| ବିଦୁର | : | ମହାଭାରତର | ଶପ୍ତ | : | ଶାପଗ୍ରସ୍ତ |
| | | ଚରିତ୍ର ବିଶେଷ | ସପ୍ତ | : | ସାତ |
| ବିଦୂର | : | ଅତିଦୂର / ବୈଦୂର୍ଯ୍ୟମଣି | ଶୁଦ୍ଧା | : | ପବିତ୍ର |
| ବିଶ୍ରୁତ | : | ବିଖ୍ୟାତ | ସୁଦ୍ଧା | : | ମଧ୍ୟ |
| ବିସ୍ରୁତ | : | ଝରିପଡ଼ିଥିବା | ସୁଧା | : | ଅମୃତ |
| ଭାଗୀରଥି | : | ଭଗୀରଥଙ୍କପୁତ୍ର | ଶୁକର | : | ଘୁଷୁରି /ବରାହ |
| ଭାଗୀରଥୀ | : | ଗଙ୍ଗାନଦୀର ନାମ | ସୁକର | : | ସହଜ |
| ଭିତ୍ତି | : | ମୂଳଦୁଆ | ଶୁଚି | : | ପବିତ୍ର |
| ଭୀତି | : | ଭୟ | ସୂଚୀ | : | ତାଲିକା/ଛୁଞ୍ଚ |
| ଲକ୍ଷ | : | ସଂଖ୍ୟାବିଶେଷ | ସୂଚି | : | ପରିଷ୍କାର |
| ଲକ୍ଷ୍ୟ | : | ଉଦ୍ଦେଶ୍ୟ | ସୁର | : | ଦେବତା |

| | | | |
|---|---|---|---|
| ଲିଖନ | : ଲେଖିବା | ଶୂର | : ବୀର |
| ଲେଖନ | : କଲମ | ସୁତ | : ସାରଥି |
| ସମ | : ସମାନ | ସର୍ଗ | : ସୃଷ୍ଟି /ଅଧ୍ୟାୟ |
| ଶମ | : ଶାନ୍ତି | ସ୍ୱର୍ଗ | : ଦେବଲୋକ |
| ଶ୍ରବଣ | : ଶୁଣିବା | ସୂକ୍ତି | : ନୀତିବାକ୍ୟ |
| ସ୍ରବଣ | : ଝରିବା /କ୍ଷରିବା | ଶୁକ୍ତି | : ଶାମୁକା |
| ଶଙ୍କର | : ଶିବ / ମହାଦେବ | ସ୍ୱାକ୍ଷର | : ଦସ୍ତଖତ |
| ସଙ୍କର | : ମିଶ୍ରିତ | ସାକ୍ଷର | : ଯେ ଲେଖିଜାଣନ୍ତି |
| ସ୍କନ୍ଧ | : କାନ୍ଧ | ସିତ | : ଧଳା |
| ସ୍କନ୍ଦ | : କାର୍ତ୍ତିକେୟ | ଶୀତ | : ଥଣ୍ଡା |
| ଶିଳ | : ବଟାପଥର | ସୁଧ | : କଳନ୍ତର |
| ଶୀଳ | : ସ୍ୱଭାବ | ଶୁଦ୍ଧ | : ପବିତ୍ର |
| ସୀମାନ୍ତ | : ସୀମାରେଖା | | |
| ସୀମନ୍ତ | : ସୁନ୍ଥା | | |
| ଶିର | : ମୁଣ୍ଡ | | |
| ସୀର | : ଲଙ୍ଗଳସିଆର | | |
| ସବଳ | : ବଳବାନ | | |
| ଶବଳ | : ଚିତ୍ରିତ | | |
| ସ୍ୱତ୍ୱ | : ଅଧିକାର | | |
| ସତ୍ତ୍ୱ | : ମହତ୍‌ଗୁଣ | | |
| ସକଳ | : ସବୁ | | |
| ଶକଳ | : ଖଣ୍ଡ | | |
| ସୁତା | : କନ୍ୟା | | |
| ସୂତା | : ସୂତ୍ର | | |



**ଅନେକାର୍ଥବୋଧକ ଶବ୍ଦ :**

ଆମ ଭାଷାରେ ଗୋଟିଏ ଅର୍ଥରେ ଅନେକଶବ୍ଦ ରହିଥିବାପରି ଗୋଟିଏ ଶବ୍ଦର ମଧ୍ୟ ଅନେକ ଅର୍ଥ ରହିଅଛି । ଏଗୁଡ଼ିକୁ ଅନେକାର୍ଥବୋଧକ ଶବ୍ଦ କୁହାଯାଏ । ମଧ୍ୟଯୁଗର କାବ୍ୟମାନଙ୍କରେ ଗୋଟିଏ ଗୋଟିଏ ଶବ୍ଦ ଅନେକ ଅର୍ଥରେ ବ୍ୟବହାର କରାଯାଉଥିଲା । ଏଠାରେ କେତୋଟି ଅନେକାର୍ଥବୋଧକ ଶବ୍ଦର ଉଦାହରଣ ଦିଆଗଲା ।

ଅଙ୍କ : ସଂଖ୍ୟା, କୋଳ, ନାଟକର ବିଭାଗ, ଗଣିତ, ପୁରୀ ଗଜପତି ମହାରାଜାଙ୍କ ବର୍ଷଗଣନା ।

ଅର୍ଥ : ମୁଦ୍ରା, ଧନ, ଶବ୍ଦରଅର୍ଥ, ଅଭିଳାଷ, ଉଦ୍ଦେଶ୍ୟ ।

ଅମ୍ବର : ଆକାଶ, ବସ୍ତ୍ର ।

ଅଜ : ଜନ୍ମରହିତ, ବ୍ରହ୍ମା, ବିଷ୍ଣୁ, ଦଶରଥଙ୍କପିତା, ଛେଳି

ଅଜା : 'ମା'ଙ୍କର ବାପା, ମାଈଛେଳି

ଅଞ୍ଜନା : ହନୁମାନଙ୍କମାତା, ପଶ୍ଚିମ ଦିଗର ହସ୍ତିନୀ

ଅଜାତଶତ୍ରୁ : ଯୁଧିଷ୍ଠିର, ଶିବ, ଶତ୍ରୁହୀନ ।

ଅଞ୍ଚଳ : ପଣତ, ସ୍ଥାନ, ପ୍ରଦେଶ ।

ଆଣ : ଆଣିବା (କ୍ରିୟା), ପିଠଉ ।

ଉତ୍ତର : ଉତ୍ତର ଦିଗ, ପ୍ରଶ୍ନର ଉତ୍ତର, ପରବର୍ତ୍ତୀ

କର : ହାତ, କିରଣ, ଖଜଣା, ହାତୀଶୁଣ୍ଢ

କଟକ : ସହର ବିଶେଷ, ସେନାଶିବିର, କଙ୍କଣ, ଦୁର୍ଗ, ରାଜଧାନୀ

କମଳ : ପଦ୍ମ, ଆଶ୍ରୟ, ସାରସପକ୍ଷୀ, ମୃଗବିଶେଷ, ଜଳ, ତାମ୍ର

କଳା : ରଙ୍ଗବିଶେଷ, କଜ୍ଜ୍ୱଳ, ଅଳନ୍ଧୁ, ଲକ୍ଷଣ

କଳି : କଳିଯୁଗ, କଜିଆ, କଢ଼ି

କଳିଙ୍ଗ : ପ୍ରାଚୀନ ଓଡ଼ିଶା, ବଣମଲ୍ଲୀ, ଶିରୀଷ ।

କାଳି : ସ୍ୟାହି, ବାକି, କଳଙ୍କ, କଳାରଙ୍ଗ

ଗଣ୍ଡ : ନଦୀ ବା ହ୍ରଦର ଗଭୀର ଜଳଭାଗ, ନିର୍ବୋଧ, ଉପଜାତି ବିଶେଷ, ଗାଲ, ଗଣ୍ଡାର

ଗୁଣ : ଗୁଣନ, ଧନୁରଗୁଣ, ଉତ୍କର୍ଷଅର୍ଥରେ (ସୁଗୁଣ) ଥର ବା ବାର, ଧର୍ମ

ଗୁରୁ : ଶିକ୍ଷକ, ବୃହସ୍ପତି, ଓଜନିଆ, ଶ୍ରେଷ୍ଠ

ଘନ : ମେଘ, ବହଳ, ଆକୃତି (ଘନଫଳ)

ତୀର : କୂଳ, ଶର

ଦଳ : ପୋଖରୀଦଳ, ସମୂହ, ଫୁଲପାଖୁଡ଼ା, ପତ୍ର

ଦଣ୍ଡ : ଶାସ୍ତି, ଠେଙ୍ଗା, ସମୟର (ଦିନ, ଦଣ୍ଡ) ପରିମାଣ ବା ଏ ଦଣ୍ଡଯାତ୍ରା

ଦ୍ୱିଜ : ପକ୍ଷୀ, ବ୍ରାହ୍ମଣ, ଦାନ୍ତ, ସଂସ୍କାର, ପବିତ୍ର

ପାଗ : ଖରାବର୍ଷାଆଦି ପାଗ, ଇଖୁଡ଼ାପାଗ, ପଗଡ଼ି, ହାଣ୍ଡିପାଗ

ପାଟ : ପ୍ରଧାନ, ଲୁଗାବିଶେଷ, ଖାଲୁଆଜମି

ପକ୍ଷୀ : ଡେଣା, ଅଧାମାସ, ପାର୍ଶ୍ୱ (ସପକ୍ଷ-ବିପକ୍ଷ), ସହାୟ

ପଟ : କଦଳୀପଟୁଆ, ଚିତ୍ରଫଳକ, ପରଦା, ଦୁଇ ବା ହଳକରୁ
(ପଟେ ବଳଦ), ପାର୍ଶ୍ୱ (ଆଗପଟ, ପଛପଟ)

ବର : ବରଗଛ, ସ୍ୱାମୀ, ଶ୍ରେଷ୍ଠ, ଆଶୀର୍ବାଦ,

ବର୍ଣ୍ଣ : ଅକ୍ଷର, ରଙ୍ଗ, ଜାତି

ବନ : ଜଳ, ବଣ (ଅରଣ୍ୟ)

ବାମ : ଶତ୍ରୁ, ବିମୁଖ, ବାମହାତ

ବଂଶ : କୁଳ, ବାଉଁଶ

ବାଡି : ବଗିଚା, ଠେଙ୍ଗା, ହଇଜା (ମହାମାରି)

ବାସ : ଘର, ଗନ୍ଧ, ଲୁଗା

ବୃତ୍ତି : ଛନ୍ଦ, ବାଡ଼, ଫୁଲର ଅଂଶବିଶେଷ, ଜୀବିକା (ବ୍ୟବସାୟ) ପୁରସ୍କାର

ଜୀବନ : ପ୍ରାଣ, ପବନ, ଜଳ

ଭୂତ : ଅତୀତ, ପ୍ରେତ, ଜାତ, ପ୍ରାଣୀ (ପଞ୍ଚମହାଭୂତ)

ରାମ : ନାମବିଶେଷ, (ଶ୍ରୀରାମ / ଦାଶରଥି), ପରଶୁରାମ, ବଳରାମ ରମଣୀୟ, କମନୀୟ



ରାଗ : କ୍ରୋଧ, ସ୍ନେହ, ସ୍ୱର, ରଙ୍ଗ (ଉଦୟରାଗ), ସ୍ୱାଦବିଶେଷ

ସାରଙ୍ଗ: ଚାତକପକ୍ଷୀ, ହରିଣ, ଗଜ, ରାଜହଂସ, ବାଦ୍ୟବିଶେଷ, ବିଚିତ୍ରବର୍ଣ୍ଣ, ମୟୂର, କାମଦେବ, ଚନ୍ଦ୍ର, ଚାପ, ସୁବର୍ଣ୍ଣ ଆଭରଣ, ଶଙ୍ଖ, ଚନ୍ଦନ

**ରୂଢ଼ି ପ୍ରୟୋଗ :**

କୌଣସି ବାକ୍ୟାଂଶ ବା ବାକ୍ୟରେ ମୂଳ ଅର୍ଥକୁ ଅତିକ୍ରମ କରି ଏକ ବିଶିଷ୍ଟଅର୍ଥରେ ବ୍ୟବହୃତହେଲେ ତାହାକୁ **ରୂଢ଼ିପ୍ରୟୋଗ** କୁହାଯାଏ। ପ୍ରତ୍ୟେକ ଭାଷାରେ ଏହାର ଉଦାହରଣ ଦେଖିବାକୁ ମିଳେ। ଏହି ରୂଢ଼ି ପ୍ରୟୋଗ ଦ୍ୱାରା ଅଭିବ୍ୟକ୍ତି ସରସ, ସୁନ୍ଦର ହୁଏ। ଅର୍ଥର ଗୁରୁତ୍ୱ ବୃଦ୍ଧିରେ ଏହା ମଧ ସହାୟକ ହୋଇଥାଏ।

ଓଡ଼ିଆଭାଷାରେ ପ୍ରଚଳିତ ରୂଢ଼ିପ୍ରୟୋଗର ଦୁଇଟି ଧାରା ପରିଲକ୍ଷିତ ହୁଏ।

ଯଥା –

**(୧)** କ୍ରିୟାହୀନ ରୂଢ଼ି : ବାକ୍ୟାଂଶରେ କ୍ରିୟାପଦ ନଥାଏ।

**(୨)** କ୍ରିୟାଯୁକ୍ତ ରୂଢ଼ି : ବାକ୍ୟାଂଶରେ କ୍ରିୟାପଦ ଥାଏ।

## କ୍ରିୟାହୀନ ରୂଢ଼ି

ଅନ୍ଧର ଲଉଡ଼ି : (ଅସହାୟର ସାହା)

ଅନ୍ଧବୁଝାମଣା : (ଅନ୍ୟାୟ ବିଚାର)

ଅରଣ୍ୟରୋଦନ : (ନିଷ୍ଫଳ ପ୍ରାର୍ଥନା / ବୃଥା ପ୍ରାର୍ଥନା)

ଅହିନକୁଳ ସମ୍ପର୍କ : (ଘୋର ଶତ୍ରୁତା)

ଅଲଣା କଥା : (ମୂଲ୍ୟହୀନ କଥା)

ଅସିଆକାଳର ମସିଆ : (ଅତିପୁରୁଣା)

ଅକଲ ଗୁଡୁମ : (ବୁଦ୍ଧିବଣାହେବା)

ଅକଲ ସଲାମି : (କୌଣସି ବ୍ୟକ୍ତିର ଉପଦେଶ, ପରାମର୍ଶ ବା ପ୍ରରୋଚନାକୁ ତାହାରି ଉପରେ ପ୍ରୟୋଗ କରିବା)

ଉପୁରିମାଲ : (ନିର୍ଦ୍ଦିଷ୍ଟ ଆୟରୁ ଅଧିକ / ମାଗଣାରେ ମିଳିବା)

ଏ ଘର ମାଉସୀ ସେ ଘର ପିଉସୀ : (ଏପଟ ସେପଟ ଛିଦ୍ର କହି ଯେ ଭଲେଇ ହୁଏ)

ଏକ ଘରିକିଆ : (ସାମାଜିକ ବାସନ୍ଦ)

ଓଳିଆରୁ ଗଜା : (ଜନ୍ମରୁ ଚତୁର ବା ସିଆଣିଆ)

କରଛଡ଼ା : (ଦାୟିତ୍ୱ ନନେବା)

କାଠିକର ପାଠ : (କଷ୍ଟସାଧ୍ୟ)

କୁହାମୁଣ୍ଡା କପିଳା : (ଯେ କଥା କହେ ମାତ୍ର କାମକରେନାହିଁ)

ଖତଗଦାରେ ପଦ୍ମ : (ପ୍ରତିକୂଳ ପରିସ୍ଥିତିରେ ପ୍ରତିଭା ସ୍ଫୁରଣ)

ଗୋଟିଏ ଚାଉଳରେ ଗଢ଼ା : (ଅତିସୁନ୍ଦର)

ଛୁଞ୍ଚିମାଛିପରୀକ୍ଷା / ପରଖ : (ତନ୍ନ ତନ୍ନ କରି ଦେଖିବା)

ଛକା ପନ୍‌ଝା : (ଉଭୟ ପକ୍ଷର ସତର୍କଭାବ)

ଜପାମାଳି : (ଅତିପ୍ରିୟ)

ଝାଳବୁହାଧନ : (କଷ୍ଟ ଅର୍ଜିତ)

ଝିମିଟି ଖେଳରୁ ମହାଭାରତ : (ସାମାନ୍ୟ ଘଟଣାରୁ ବିରାଟକାଣ୍ଡ ବା ଭୟଙ୍କର ପରିସ୍ଥିତିର ସୂତ୍ରପାତ)

ନଈନଦେଖି ଲଙ୍ଗଳା ହେବା : (ବିପଦ ନଆସୁଣୁ ଛାନିଆ ହେବା)

ନଛୋଡ଼ବନ୍ଧା : (ଏକଜିଦିଆ)

ନାଟର ଗୋବର୍ଦ୍ଧନ : (ଅନର୍ଥର ମୂଳ)

ଫାଙ୍କା ଆଓ୍ୱାଜ : (ବୃଥାଧମକ)

ବଣ ବିଛୁଆତି : (ଅତିଦୁଷ୍ଟ / ମୂଳରୁ ଦୁଷ୍ଟ)

ବାପରାଣ ଡିଙ୍କିଗିଲ୍ : (ବାଧ୍ୟକରିବା)

ବାଘଘରେ ମିରିଗନାଟ : (ମୁରବୀର ଅନୁପସ୍ଥିତିରେ ବିଶୃଙ୍ଖଳା ସୃଷ୍ଟିକରିବା)

ବାଆକୁ ବତା : (କ୍ଷୀଣ ଆଶ୍ରୟ)

ବାହାଘରବେଳେ ବାଇଗଣରୁଆ : ଆଗରୁ ପ୍ରସ୍ତୁତ ନହୋଇ ଶେଷ ମୁହୂର୍ତ୍ତରେ କାର୍ଯ୍ୟଆରମ୍ଭ କରିବା)



ବିରାଡ଼ି ବୈଷ୍ଣବ / ବକ ଧାର୍ମିକ : (ଠକ)

ବୋଝଉପରେ ନଳିତା ବିଡ଼ା : (ଦୁଃଖ ଉପରେ ଦୁଃଖ) / ଚାରି ଦଉଡ଼ିକଟ / (ଅନାୟତ୍ତ/ ଶାସନର ବାହାରେ)

ହାତ ବାରିସି : (ଯାହା ସାହାଯ୍ୟରେ କାର୍ଯ୍ୟ ହାସଲ ହୁଏ)

ହୁଙ୍କାପିଟା : (କିଛି ନ ବୁଝି ହଠାତ୍ କାମକୁ ଲାଗିଯିବା)

ଅହନ୍ତା ରଖିବା : (ପ୍ରତିହିଂସା ମନୋଭାବ ପୋଷଣ କରିବା)

ଅନ୍ଧାରକୁ ଟେକା ପକାଇବା / ଅନ୍ଧାରଘରେ ବାଡ଼ିବୁଲାଇବା : (ଅନୁମାନକରି କହିବା)

ଆଖିପକାଇବା : (ଲୋଲୁପ ଦୃଷ୍ଟିଦେବା)

ଆଖିବୁଲାଇବା : (ମୋଟାମୋଟି ଦେଖିବା)

ଆଖି ବୁଜିବା : (ମରିବା)

ଆଖିକି ପାଇବା : (ପସନ୍ଦକରିବା)

ଆଖିପାଇବା : (କଳନା କରିବା)

ଆଡ଼ଆଖିରେ ନଚାହିଁବା : (ସାମାନ୍ୟ ଦୃଷ୍ଟିନଦେବା / ସମ୍ପର୍କ ନରଖିବା)

ଆଖିଖୋଲିଦେବା : (ଜାଗ୍ରତ କରାଇଦେବା)

ଉଷୁନାଧାନ ଗଜାହେବା : (ଅସମ୍ଭବ ସମ୍ଭବହେବା)

ଉପରେ ପଡ଼ିକହିବା / ଆବୁଡ଼ା ପଡ଼ିବା : (ନପଚାରୁଣୁ କହିବା / ଅନ୍ୟର କଥା ନସୁରୁଣୁ କହିବା)

କପାଳ ଖୋଲିବା : (ଭଲବେଳ ପଡ଼ିବା /ଉନ୍ନତିହେବା)

କପାଳ ଫାଟିବା : (ସର୍ବନାଶହେବାଁ

କଳାକାଠ ପଡ଼ିଯିବା : (ମଳିନ ପଡ଼ିଯିବା)

କଟା ଘା'ରେ ଚୂନଦେବା :

କଳାକନା ବୁଲାଇବା : (ସର୍ବସ୍ୱ ଲୁଟିନେବା / ସର୍ବନାଶ କରିବା)

କାନରେ ହାତଦେବା : (ଆଶ୍ଚର୍ଯ୍ୟ ହେବା)

କାମରେ ହାତଦେବା : (କାର୍ଯ୍ୟ ଆରମ୍ଭକରିବା)

କାଠହୋଇଯିବା / ଜଡ଼ ପାଲଟିଯିବା : (କାତର ହେବା)

କୁହୁଡ଼ି ପହଁରିବା : ବୃଥାପରିଶ୍ରମ / ବୃଥା ପ୍ରୟାସ କରିବା)

ଖାଲରେ ପକାଇବା : ବିପଦରେ ପକାଇବା)

ଖିଅକାଢ଼ିବା : (କଥାକୁ ଘାଣ୍ଟି ଦୋଷ ଖୋଜିବା)

ଗୁଜୁରାଣ ମେଣ୍ଟାଇବା : କଷ୍ଟସହି (କଷ୍ଟକରି)

ଗୋଡ଼ହାତ ଧରିବା : (ବିନମ୍ର ଗୁହାରିକରିବା / ନେହୁରା ହେବା)

ଗୋଡ଼ ଟେକି / କାଢ଼ି ବସିବା : (ପ୍ରସ୍ତୁତ ରହିବା)

ଚଳୁ କରିଦେବା : (ସବୁ ଶେଷକରିଦେବା)

ଚାଲିଲା ଶଗଡ଼ରେ ହାତଦେବା : (ଅତି ଦୁଷ୍ଟାମି କରିବା)

ଚିତା କାଟିବା : (ଠକିବା)

ଛାତିପଥର କରିବା : (ଧୈର୍ଯ୍ୟଧରିବା)

ଛେନାରୁ ଚୋପାଛଡ଼ାଇବା / ଜିରାରୁ ଶିରାକାଢ଼ିବା – (ବୃଥାଦୋଷ କାଢ଼ିବା)

ଝିଣ୍ଟିକାମାରି ବଣି ପୋଷିବା : (ଦୁର୍ବଳକୁ ମାରି ସବଳକୁ ସାହାଯ୍ୟକରିବା)

ଠାସକୁମାରିବା : (ଅନୁମାନକରି କହିବା)

ତିଳକୁ ତାଳକରିବା : (ଛୋଟକଥାକୁ ବଡ଼କରି ପ୍ରଚାରକରିବା)

ତିନିପାଞ୍ଚିରୁଯିବା : (ଯଶହରାଇବା /ସୁନାମ ଲୋପ ପାଇବା)

ଦଫା ରଫା କରିବା : (ସର୍ବନାଶ କରିବା)

ଦାନାମାରିବା / ଦାନାରେ ଧୂଳିଦେବା : (ଜୀବିକାରୁ ଉଚ୍ଛେଦକରିବା)

ଦାଉସାଧିବା : (ପ୍ରତିଶୋଧନେବା)

ଦେଖିନପାରିବା : (ଭଲ ନପାଇବା)

ନାଁ ପକାଇବା : (ଦୁର୍ନାମ ଆଣିବା)

ନାଁ କରିବା : (ସୁନାମ ଅର୍ଜନ କରିବା)

ନାଁ ରଖିବା : (ଯଶ ରଖିବା)



ନାକ ଛିଞ୍ଚାଡ଼ିବା : (ବିରକ୍ତ ହେବା)

ନାକଟେକିବା : (ଘୃଣାକରିବା)

ନାକେଦମ୍ କରିବା : (ଅଥୟକରିବା)

ପିଠିରେ ପଡ଼ିବା : (ସାହାହେବା)

ଫସର ଫାଟିବା : (ବ୍ୟର୍ଥହେବା)

ଫଟେଇହେବା : (ଗୋଟିଏ କଥାକୁ ବାରମ୍ବାର ପଚାରିବା)

ବାଟକାଟିବା : (ନିଜ ସୁବିଧାଦେଖିବା)

ବାଟଭାଙ୍ଗିବା : (ଉପେକ୍ଷା କରିବା)

ବାଟମାରଣା ହେବା : (ମଝିରେ ଅନ୍ୟଦ୍ୱାରା ଅପହୃତ ହୋଇଯିବା)

ବିରାଡ଼ି ଛିଙ୍କିବା : (ଅନୁକୂଳ ବିଗିଡ଼ିବା)

ବିରାଡ଼ି କପାଳକୁ ଶିକାଛିଡ଼ିବା : (ଇଚ୍ଛା ଅନୁସାରେ ସୁବିଧାମିଳିବା)

ଭାଲୁ ଧରାଇବା : (କୌଶଳରେ ଜଞ୍ଜାଳଗ୍ରସ୍ତ କରାଇବା)

ଭୂତଖାଇବା : (ଅନ୍ୟହାତରେ ପଡ଼ିବା)

ମହରଗରୁ ଯାଇ କାନ୍ତାରରେ ପଡ଼ିବା : (ସାମାନ୍ୟ ବିପଦରୁ ଯାଇ ବଡ଼ ବିପଦରେପଡ଼ିବା)

ମାଛିକି 'ମ' ନକହିବା : (ଖୁବ୍ ନିରୀହ)

ମୁହଁ ବଢ଼ାଇବା : (ସୁବିଧାଦେବା)

ମୁହଁଦେବା : (ପ୍ରଶ୍ରୟଦେବା)

ମୁଣ୍ଡଝାଳ ତୁଣ୍ଡରେ ମାରିବା : (କଠିନ ପରିଶ୍ରମକରି ପେଟପୋଷିବା)

ମୁଣ୍ଡକୁ ତେନ୍ତୁଳିଆ ବିଛାକାମୁଡ଼ିବା : (ଭୀଷଣ ଚିନ୍ତାରେ ପଡ଼ିଯିବା)

ରକ୍ତଚାଉଳ ଚୋବାଇବା : (ରାଗରେ ଜଳିବା / ଜର୍ଜରିତ ହେବା)

ସୁଅ ମୁହଁରେ ଯିବା / ପଡ଼ିବା : (ବୃଥାରେ ଧନ ଦୌଲତ ଉଜାଡ଼ି ଦେବା)

ହାତଧରିବା : (ବିବାହ କରିବା / ନେହୁରାହେବା)

ହାତକରିବା : କୌଶଳରେ ଆୟତ୍ତ କରିବା)

ହାତରେ ନ'ମାରି ଭାତରେ ମାରିବା : (କୌଶଳରେ ଜୀବିକା ବା ବୃତ୍ତିରୁ ଉଚ୍ଛେଦ କରିବା)

ଅଳପଧନ ବିକଳ ମନ : ଦରିଦ୍ରଲୋକର ଚିନ୍ତା

ଅତିଭକ୍ତି ଚୋରର ଲକ୍ଷଣ : କାର୍ଯ୍ୟହାସଲ ଉଦ୍ଦେଶ୍ୟରଖି ଉପରକୁ ବିନମ୍ରଭାବ ଦେଖାଇବା

ଅଣ୍ଟିଛୁରୀ ତଣ୍ଟିକାଟେ : ଆତ୍ମୀୟଲୋକ ଶତ୍ରୁତା ଆଚରଣକରିବା

ଅଠା କାଠିରେ ପଡ଼ିବା : ଅସୁବିଧାପରିସ୍ଥିତିର ସମ୍ମୁଖୀନହେବା।

ଅଳ୍ପବିଦ୍ୟା ଭୟଙ୍କରୀ : ସାମାନ୍ୟ ଜ୍ଞାନ ପ୍ରୟୋଗର ପରିଣାମ।

ଅକାଳେ ନିୟମ ନାସ୍ତି : ଅସୁବିଧା ସମୟରେ ନିୟମମାନି ଚଳିବା ସମ୍ଭବ ହୋଇନପାରେ।

ଅନ୍ଧଦେଶକୁ ଗଲି ଦର୍ପଣ ବିକି : ମୂର୍ଖଙ୍କ ଆଗରେ ତତ୍ତ୍ୱକଥା କହିବା।

ଅଳସୁଆର ବାରବାଟୀ ଚାଷ : ନିକମା ବା ଅଳସୁଆ ଲୋକର ବୃଥା ଆସ୍ଫାଳନ।

'ଅଧର୍ମ ବିତ୍ତ ବଢ଼େ ବହୁତ

ଗଲାବେଳେ ଯାଏ ମୂଳ ସହିତ' : ପାପ ଅର୍ଜିତ ଧନ ସମୂଳ ନଷ୍ଟ ହୁଏ।

ଅଦାବେପାରୀର ଜାହାଜମୂଲ୍ୟ : ଅନଧିକାର ଚର୍ଚ୍ଚା

ଅତିପରିଚୟେ ଗୌରବନଷ୍ଟ : ଅଧିକ ସଂପର୍କ ବା ମିଳାମିଶାରେ ସମ୍ମାନ ହ୍ରାସପାଏ।

ଅନ୍ଧଥରେ ବାଡ଼ିହଜାଏ : ଅଭିଜ୍ଞତାରୁ ସତର୍କହେବା ବା ଶିକ୍ଷା ଲାଭକରିବା।

ଧୂଆ ମୂଳା ଅଧୁଆମୂଳା ସମାନ : ଯେଉଁଠି ଭଲମନ୍ଦ ବା ଉତ୍କୃଷ୍ଟ ନିକୃଷ୍ଟର ବିଚାର ହୁଏନା।

ଅମୃତ ହାଣ୍ଡିରେ ବିଷ କଣିକା : ସାମାନ୍ୟ ଖରାପ ଅନେକ ଭଲକୁ ନଷ୍ଟକରେ।

ଅଣ୍ଟିରେ ନାହିଁ ଧନ, ପୁଅବାହା :

କରି ମନ : ନିଜର ସାମର୍ଥ୍ୟଠାରୁ ଅତ୍ୟଧିକ ଖର୍ଚ୍ଚ କରିବାର ଯୋଜନା

ଆପେ ବଞ୍ଚିଲେ ବାପର ନାଁ : ଅନ୍ୟକଥା ଚିନ୍ତାନକରି ନିଜକୁ ରକ୍ଷା କରିବା (ସ୍ୱାର୍ଥପରତା)।

ଆୟଦେଖି ବ୍ୟୟ : ମିତବ୍ୟୟୀ ହେବା।

ଆ ବଳଦ ମତେ ବିନ୍ଧ : ନିଜେ ନିଜେ ବିପଦକୁ ଡାକିଆଣିବା।

ଆଲୋସଖି, ଆପଣାମହତ ଆପେରଖି : ନିଜ ସମ୍ମାନ ନିଜ ହାତରେ।

ଆଲୋ ମଉସା, ଜଡ଼ ପଇସା : ଅର୍ଥହିଁ ସବୁର ମୂଳ।



ଆଗତ ଚଢ଼େଇକି ବେସରବଟା : ହାତକୁ ଜିନିଷ ଆସିବା ପୂର୍ବରୁ ଉପଯୋଗ ପାଇଁ ପ୍ରସ୍ତୁତି।

ଆଲ୍ଲା ଦିଅନ୍ତିତ ଛପରଫାଡ଼ି ଦିଅନ୍ତି : ଈଶ୍ୱର ଦୟାକଲେ ମଣିଷ ଆଶାତୀତ ଫଳପାଏ।

ଆକାଶ କଇଁଆ ଚିଲିକାମାଛ : ଅସମ୍ଭବ କଥା କଳ୍ପନା କରିବା।

ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା : ନିଜକୁ ନିଜେ ସମର୍ଥ ହେବା

ଆଖୁ କିଆରିରେ ପଶିବା : କୌଣସି କାର୍ଯ୍ୟ ଉତ୍ତମରୂପେ ନିର୍ଣ୍ଣୟ କରିନପାରିବା।

ଈଶ୍ୱର ଯାହାକରନ୍ତି ପ୍ରାଣୀର ମଙ୍ଗଳପାଇଁ : ଈଶ୍ୱର ମଙ୍ଗଳମୟ : ଏହି ଧାରଣା।

ଉଡ଼ିଗଲା ଚଢ଼େଇର ପର ଫମ୍ପା /

ଉପର ଚିକ୍କଣ ଭିତର ଫମ୍ପା : ବାହାର ସୌନ୍ଦର୍ଯ୍ୟ ଭିତରେ ନଥିବା।

ମହାକାଳଫଳ କେଡ଼େ ସୁନ୍ଦର ଭିତର

ଦେଖିଲେ ପୋଡ଼ାଅଙ୍ଗାର : ଉପରେ ଭଲକଥା, ଭିତରେ କପଟସ୍ୱଭାବ।

ଋଷି ଜଟା ଛିଣ୍ଡାଇବା : ସହନଶୀଳ ଲୋକମଧ୍ୟ ଯେଉଁକଥା ସହିନପାରେ।

ଏକା ମାଘକେ ଶୀତଯାଏ ନାହିଁ : ସୁଯୋଗ କିମ୍ବା ଦୁର୍ଯୋଗ କେବଳ ଥରେ ଆସେ ନାହିଁ।

ଏ ବର୍ଷର ମଳ ଆରବର୍ଷକୁ ବଇଦ : ଅଭିଜ୍ଞତାରୁ ଶିକ୍ଷାଲାଭ।

ଏକା ତୁଣ୍ଡରେ ଉଆ ଉଷୁନା : ଜଣଙ୍କ ମୁହଁରେ ଦୁଇଟି ବିପରୀତ କଥା।

ଏଇମନ ବୃନ୍ଦାବନ / ମନଦୃଢ଼ କଲେ

ଗାଡ଼ିଆ ଗଙ୍ଗା : ଅତିଶୟ ନିଷ୍ଠା / ମନରେ ଦୃଢ଼ତା

କାର୍ଯ୍ୟସାଧନରେ ସହାୟକ ହୁଏ।

ଏ ମନ ଖୋଜୁଥାଏ ଯାହା,

କାଳେ ପ୍ରାପତ ହୁଏ ତାହା : ବିଳମ୍ବହେଲେ ମଧ୍ୟ ମନଅନୁସାରେ ଫଳ ମିଳେ।

ଓଟ ମୁହଁରେ ଜିରା : ଅଧିକ ଚାହୁଁଥିବା ଲୋକକୁ ଖୁବ୍ କମ୍‌ଦେବା।

ଓଧ ସାଙ୍ଗରେ ବଣଭୁଆ ବାଇ : ସମର୍ଥଲୋକ ସହିତ ଅସମର୍ଥ ଲୋକ ବାଉଳା ହେବା।

ଓଷଦରାଗରେ ତାଟିଆ କାମୁଡ଼ିବା : ପ୍ରକୃତ ଲୋକ ବିରୋଧରେ କିଛି କରିନପାରି ଅନ୍ୟ ଉପରେ ଦାଉସାଧିବା।

ସୂତା ମାଜିଲେ ସରୁ, କଥା

ମାଜିଲେ ମୋଟ : ଗୋଟିଏ କଥାକୁ ଧରି ବସିଲେ ଗୁରୁତର ହୁଏ।

କଷ୍ଟକଲେ କୃଷ୍ଣମିଳେ : ସବୁ ସିଦ୍ଧିର ମୂଳହିଁ କଠିନ ପରିଶ୍ରମ (ସାଧନା ହିଁ ସିଦ୍ଧିର ଜନକ)

କଂସାରି ଘର ପାରାକୁ କୁଲା ଢାଉଁ ଢାଉଁ : ପ୍ରତିକୂଳତାରେ ଅଭ୍ୟସ୍ତ ବ୍ୟକ୍ତିକୁ ସାମାନ୍ୟ ଭୟ ଦେଖାଇବା।

କହି ଦେଇଥାଏ ପରକୁ / ବୁଦ୍ଧି ନଆସଇ ଘରକୁ : ଅନ୍ୟକୁ ଉପଦେଶଦେବା ସହଜ କିନ୍ତୁ ନିଜ ବେଳକୁ କଷ୍ଟକର।

କଙ୍କଡ଼ାକୁ ଗୋଳିପାଣି ସୁହାଏ : ଅସାଧୁଲୋକପାଇଁ ଗୋଳମାଳିଆ ପରିସ୍ଥିତି ସହାୟକ ହୁଏ।

କଳାକୁ ଧଳା, ଧଳାକୁ କଳାକରିବା : ମିଛ କୁ ସତ, ସତକୁ ମିଛ କରିବା

କଅଁଳ ଲୁହାକୁ ବିଲେଇ କାମୁଡ଼େ : ସରଳ ଲୋକରୁ ସମସ୍ତେ ହଇରାଣ କରନ୍ତି।

କାଳ ଆଗରେ ମୂଳାଚୋବାଇବା : ଯେ କିଛି ବୁଝେନାହିଁ ତା ଆଗରେ ତତ୍ତ୍ୱ ବଖାଣିବା।

କାଉଁରିଆକାଠି ଭାଙ୍ଗିବ ସିନା ନଇଁବ ନାହିଁ

ସଜନା ଭାଙ୍ଗିଯିବ ପଛେ ନଇଁବ ନାହିଁ : ଅତ୍ୟନ୍ତ ସ୍ୱାଭିମାନୀର ଲକ୍ଷଣ

କାଣୀ ବିରାଡ଼ି କୁଜି ଅସରପା ଉପରେ ରଜା : ଅଧିକ ଦୁର୍ବଳ ଉପରେ ପ୍ରଭୁତ୍ୱ ଦେଖାଇବା।

କାଲଠାର କାଲ ମା’ ଜଣେ : ନିକଟତମ ବ୍ୟକ୍ତି ଅନ୍ୟର ଇଙ୍ଗିତ ବୁଝିବା

କାହାର ପୁଷମାସ, କାହର ସର୍ବନାଶ : ଜଣଙ୍କର ଲାଭବେଳେ ଅନ୍ୟଜଣଙ୍କର କ୍ଷତି।

କୁକୁର ଲାଙ୍ଗୁଡ଼ ବାରବରଷରେ

ସଳଖେନାହିଁ : ପ୍ରକୃତି କେବେ ବଦଳେ ନାହିଁ।

କୂପ ମଣ୍ଡୂକ : ସଙ୍କୁଚିତ ପରିବେଶରେ ବଢ଼ିଥିବା ବ୍ୟକ୍ତି।

କେଉଁଗାଈର ଗୋବର : ଅତିସାମାନ୍ୟ / ତୁଚ୍ଛ

କୋପେବର ନହେଲେ ତପେ ବର : ଯେ କୌଣସି ଉପାୟରେ କାର୍ଯ୍ୟହାସଲ କରିବା।

କୌରବଙ୍କର ଖାଇ, ପାଣ୍ଡବଙ୍କର ଗାଇ /



ବାପାର ଖାଇ କକାର ଋଣ ଶୁଝିବା : ଜଣଙ୍କଠାରୁ ସାହାଯ୍ୟ ପାଇବା ଓ ଅନ୍ୟର କାମ କରିବା।

ଖଜୁରି ଗଛର କି ଗୁଣଗାଇବି

ମୂଳରୁ ପାହାଚ ପାହାଚ : କୌଣସି ଖରାପ ଲୋକର ବିଭିନ୍ନ କୁକର୍ମକୁ ଲକ୍ଷ୍ୟକରି କୁହାଯାଏ।

ଖଣ୍ଡାଧାରରେ ଚାଲିବା : ଖୁବ୍ ସତର୍କତାର ସହିତ ନିୟମମାନି କାମ କରିବା।

ଖାଇବା ପତରରେ ଧୂଳିଦେବା : ଜୀବିକାରେ ବାଧାଦେବା।

ଖୋଳପର୍ବତ ମାର ମୂଷା : ସାମାନ୍ୟ କାମ ପାଇଁ ବହୁଶ୍ରମ ଓ ଚେଷ୍ଟା

ଗାଁ କନିଆ ସିଙ୍ଘାଣିନାକୀ : ଯେକୌଣସି ଲୋକ ନିଜ ଅଞ୍ଚଳରେ ସମ୍ମାନ ପାଇବା।

ଗୁଣ ଚିହ୍ନେ ଗୁଣିଆ, ସୁନାଚିହ୍ନେ ମଣିଆ : ଗୁଣୀ ଗୁଣର ଆଦର କରେ।

ଘରଦିଅଁ ନପୂଜି ପରଦିଅଁ ପୂଜିବା : ନିଜସ୍ୱ ବା ନିଜ ସଂସ୍କୃତିକୁ ଅବହେଳା କରି ଅନ୍ୟ ସଂସ୍କୃତିକୁ ଅନୁସରଣ କରିବା।

ଘୁଷୁରିକି ପାଚିଲା କଦଳୀ : ଇତର ବା ଅଯୋଗ୍ୟ ବ୍ୟକ୍ତି ପାଇଁ ଉନ୍ନତି ପରିଚର୍ଯ୍ୟା।

ଘୋଡ଼ା ଛ’ ଟଙ୍କାକୁ ଦାନା ନଅ ଟଙ୍କା : କୌଣସି ଜିନିଷର ରକ୍ଷଣାବେକ୍ଷଣ ଖର୍ଚ୍ଚ ଜିନିଷର ମୂଲ୍ୟଠାରୁ ଅଧିକହେବା

ଚକେଗଲେ ବାରହାତ : ଯଥା ସମୟରେ କାର୍ଯ୍ୟନକଲେ ବିଭିନ୍ନ କାରଣରୁ କାର୍ଯ୍ୟ ବିଳମ୍ବିତ ହୁଏ କିମ୍ବା ବିଘ୍ନଘଟେ।

ଚାଷ ତରତର ବଣିଜ ମଠ : ନିର୍ଦ୍ଦିଷ୍ଟ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସଂପାଦନ କରିବା।

ଚିନ୍ତାଖାଏ ଗଣ୍ଡ. ଲୁଣାଖାଏ ହାଣ୍ଡି : ଚିନ୍ତା ଶରୀରକୁ ନଷ୍ଟ ତଥା ଦୁର୍ବଳ କରେ ଓ ଲୁଣ ହାଣ୍ଡିକୁ ନଷ୍ଟକରେ।

ଚୋରମନ ଚୋର ଗଣ୍ଠିରେ : ଚୋର ସର୍ବଦା ଚୋରି କରିଥିବା ଦ୍ରବ୍ୟ ଧରାପଡ଼ିଯିବା ଭୟରେ ଶଙ୍କିତ ଥାଏ।

ଛୋଟ ସାପର ବିଷ ଟାଣ : ଛୋଟ ବୋଲି ହେୟ ମନେ ନ କରିବା

ଛୋଟ ସାପର ବଡ଼ ବିଷ : କ୍ଷୁଦ୍ର ମଧ୍ୟରେ ଭୟଙ୍କରତା

ଜାନ୍ ଯାଉ ମାନ୍ ଥାଉ : ମାନ ବା ଇଜ୍ଜତ ଜୀବନଠାରୁ ଅଧିକ।

ଜୋର ଯାର ମୁଲକ ତାର : ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ।

ଟେକା ହାତରୁ ଖସିଲେ ଅଣବାହୁଡ଼ା : ଥରେ ଭୁଲ ହେଲେ ତାକୁ ସୁଧାରି ହୁଏ ନାହିଁ।

ଡେଙ୍ଗା ମୁଣ୍ଡରେ ଠେଙ୍ଗା : ଆଗୁଆ ଲୋକ ଉପରେ ଦାୟିତ୍ୱ ଓ ବିପଦ ଥାଏ।

ଢିଙ୍କିଶାଳ କଥା ନଜାଣି, ଢେଙ୍କାନାଳ

କଥା କହିବା : ଘରକଥା ନ ଜାଣି ଦୂରଦେଶର କଥା କହିବା।

ଢୋକେ ପି' ଦଣ୍ଡେ ଜୀ : କଷ୍ଟେମଷ୍ଟେ ବଞ୍ଚିରହିବା।

ତିନି ତୁଣ୍ଡରେ ଛେଳିକୁକୁର : ମିଛକଥା ଅନେକଙ୍କଦ୍ୱାରା ବାରମ୍ବାର ପ୍ରକାଶିତ ହେଲେ ସତ୍ୟପରି ପ୍ରତୀତ ହୁଏ।

ତୁଣ୍ଡବାଇଦ ସହସ୍ର କୋଶ : ଲୋକ ମୁଖରେ କଥା ବହୁଦୂର ପ୍ରସରି ଯାଏ।

ତୁ ଯେତେ ମାଠିବୁ ମାଠ,

ମୁଁ ସେଇ ଦରପୋଡ଼ା କାଠ : ସ୍ୱଭାବ ସହଜରେ ବଦଳେନାହିଁ

ତୁଳସୀ ଦୁଇ ପତ୍ରରୁ ବାସେ,

ବିଛୁଆତି 'ଦି' ପତ୍ରରୁ କୁଣ୍ଡାଇହୁଏ : ପ୍ରକୃତ ଗୁଣ ପ୍ରାଥମିକ ସ୍ତରରୁ ହିଁ ଜଣା ପଡ଼ିଥାଏ।

ତେଲିଆ ମୁଣ୍ଡରେ ତେଲ : ଦରିଦ୍ରକୁ ସାହାଯ୍ୟନକରି ସ୍ୱଚ୍ଛଳ ବ୍ୟକ୍ତିକୁ ସାହାଯ୍ୟ କରିବା।

ଦଇବ ଦଉଡ଼ି ମଣିଷଗାଈ,

ଯେଣିକି ଟାଣଇ ତେଣିକି ଯାଇ : ବିଧି ନିର୍ଦ୍ଦେଶରେ ମଣିଷ ପରିଚାଳିତ।

ଦେଶକେ ଫାଙ୍କ୍ ନଈକେ ବାଙ୍କ୍ : ଭିନ୍ନ ସ୍ଥାନର ଭିନ୍ନ ଚଳଣି ବା ପ୍ରଥା

ଧରାକୁ ସରା ମଣିବା : ଅତି ଗର୍ବଭାବ ପ୍ରଦର୍ଶନ କରିବା।

ଧାନ ପେଟରୁ ବାଲୁଙ୍ଗା ଜାତ : ଗୁଣବତୀ ମାଆ ଠାରୁ କୁପୁତ୍ର ଜନ୍ମ

ଧୀରପାଣି ପଥର କାଟେ : ଧୀର ସ୍ଥିର ଭାବେ କାର୍ଯ୍ୟକଲେ ସଫଳତା ମିଳେ।

ଧୀର କଥାରେ ବଇରି ବଶ : ନମ୍ର ବ୍ୟବହାରଦ୍ୱାରା ସମସ୍ତଙ୍କୁ ବଶୀଭୂତ ବା ନିଜର କରିହୁଏ।

ନ ଦେଖିଲା ଓଉ ଛଫନା : ଅସମ୍ଭବ କଥା କହିବା।

ନଈ ସୁଅକୁ ବାଲିବନ୍ଧ : ପଣ୍ଡପରିଶ୍ରମ / ବୃଥା ଚେଷ୍ଟା।



ନଈରେ ଘରକରି କୁମ୍ଭୀର ସଙ୍ଗେ କଳି (ବାଦ) : ଅଧୀନ ହୋଇ ମୁନିବଙ୍କ ସଙ୍ଗେ କଳି।

ନାହିଁ ମାମୁଠାରୁ କ'ଣା ମାମୁ ଭଲ : କିଛି ନଥିବା ଅପେକ୍ଷା ସାମାନ୍ୟ ଥିବା ଭଲ।

ପାପଧନ ପ୍ରାୟଶ୍ଚିତ୍ତରେ ଯାଏ : ଅନ୍ୟାୟ ଅର୍ଜିତଧନ ଅଯଥାରେ ବିନଷ୍ଟହୁଏ।

ପାଣି ପିଇବା ଛାଣି, ପଇସା ନେବଗଣି : ଉପଯୁକ୍ତ ଧ୍ୟାନ ଦେଇ କାର୍ଯ୍ୟକରିବା / ବିପଦ ନପଡ଼ିବା ଭଳି କାର୍ଯ୍ୟକରିବା।

ପେଟ ପୋଷ, ନାହିଁ ଦୋଷ : ବଞ୍ଚିବାପାଇଁ କୌଣସି ବୃତ୍ତି ଗ୍ରହଣ କରାଯାଇ ପାରେ।

ପୋଥିଗତ ବିଦ୍ୟା ପରହସ୍ତଧନ : ନିଜେ ନଜାଣିଥିବା ବିଦ୍ୟା ବା ନିଜ ପାଖରେ ନଥାଇ ଅନ୍ୟପାଖରେ ଥିବା ଧନ କୌଣସି କାର୍ଯ୍ୟରେ ଲାଗେ ନାହିଁ।

ଫୁଲଯୋଗୁ ଗଭା, ପଣ୍ଡିତ ଯୋଗୁ ସଭା : ଏ ଉଭୟେ ଶୋଭା ବଢ଼ାନ୍ତି।

ବସିଖାଇଲେ ନଈବାଲି ସରେ : ଆଳସ୍ୟ ସର୍ବନାଶ କରେ।

ବସିବା ଠାରୁ କାଶିବା ଭଲ : ସବୁବେଳେ କିଛିନା କିଛି କାର୍ଯ୍ୟରେ ଲାଗିରହିବା ଉଚିତ।

ବଢ଼େଇଦେଲା ବୁଦ୍ଧି, ମାଗିଆଣିଲା ତିଅଣ : କ୍ଷଣସ୍ଥାୟୀ (ଏ ଉଭୟେ) ବହୁଲୋକ ଏକାଠିହେଲେ

(ବହୁଲୋକରେ ମୂଷରା ମରେ ନାହିଁ) : ସେମାନଙ୍କର ଭିନ୍ନ ଭିନ୍ନ ମତ ଯୋଗୁ କୌଣସି କାର୍ଯ୍ୟ ହୋଇପାରେ ନାହିଁ।

ବକର ବେକ ବଢ଼ିଲେ ମୀନର ବିପତ୍ତି : ଶତ୍ରୁର ସୁବିଧା ବିପଦରେ କାରଣ ।

ବ୍ରହ୍ମା ବିଳିବିଳେଇଲେ ବେଦ : ପଣ୍ଡିତ ଲୋକର ଯେକୌଣସି କାର୍ଯ୍ୟକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଧରିନେବା।

ବାହାସରିଲେ ବେଦୀ ମୁହଁପୋଡ଼ା : ସ୍ୱାର୍ଥସାଧନପରେ ଆଗ୍ରହ କମିଯିବା।

ମାନିଲେ ଠାକୁର, ନମାନିଲେ ପଥର : ନିଜର ଦୃଷ୍ଟିକୋଣ ଅନୁସାରେ ମାନ୍ୟତା ଦେବା ଅଥବା ନଦେବା।

ମୁଁ ତ ଖାଏ ମୋର ଭାତା, /

ଚୋର କିଆଁ ଗାଲରେ ହାତ : ଈର୍ଷା ପରାୟଣ ଲୋକକୁ କଟାକ୍ଷ।

ଯତ୍ନ କଲେ ରତ୍ନ ମିଳେ : ଅଧ୍ୟବସାୟ ସଫଳତାର ଚାବିକାଠି। ଯାହାପୁଅକୁ ସାପକାମୁଡ଼ିଥାଏ।

ସେ ପାଳଦଉଡ଼ି ଦେଖିଲେ ଡରେ : ବିପଦ ଭୋଗିଥିବା ଲୋକ ବିପଦର ଆଶଙ୍କାରେ ଅସ୍ଥିରହୁଏ।

ଯେ ଯେଉଁଗାତ ଖୋଳେ

ସେ ସେଇ ଗାତରେ ପଡ଼େ : ପରର ଅନିଷ୍ଟକଲେ ନିଜର ଅନିଷ୍ଟ ହୁଏ।

ଯେମିତି ଠାକୁର ସେମିତି ପୂଜା

ବାଲି ଗରଡ଼ାକୁ ଚାଉଳ ଭଜା : ଗୁଣଘେନି ଆଦର।

ଯେ ପକ୍ଷୀ ଉଡ଼େ ଯେତେଦୂର,

ସେ ଜାଣେ ତହିଁର ବେଭାର : ଯେ ଯେତେ ବହୁଦର୍ଶୀ ଓ ଅଭିଜ୍ଞ ସେ କାମରେ ସେତିକି ଅଧିକ ସଫଳ ହୁଏ।

ଯେସାକୁ ତେସା : ଯେ ଯେପରି ବ୍ୟବହାର ଦେଖାଇବା ତା ପାଇଁ ଅନୁରୂପ ବ୍ୟବହାର।

ଯେ ଦେଶେ ଯାଇ ସେ ଫଳଖାଇ : ସବୁସ୍ଥାନରେ ପରିସ୍ଥିତି ସହିତ ଖାପ ଖୁଆ ଚଳିବା।

ରାଗ ପରମ ଚଣ୍ଡାଳ / ରାଗ ବ୍ରହ୍ମ ଚଣ୍ଡାଳ : ରାଗବେଳେ ମଣିଷ ଅନ୍ଧ ଭଲ ମନ୍ଦ ବୁଝିପାରେନା।

ଲୁଚିଛି ନା ଗୋଡ଼ଦିଇଟା ଦିଶୁଛି : ଯେତେ ଘୋଡ଼ାଇଲେ ବି ଦୋଷ ଧରାପଡ଼େ।

ଶୋଇଲା ପୁଅର ଭାଗନାହିଁ : କର୍ମକୁଣ୍ଠ ଲୋକ ଜୀବନରେ ହାରିଯାଏ।(ଅଳସୁଆ ଦୁଃଖ ପାଏ)

ଷାଠିଏ ମହଣ ଘିଅ ହେବ ନା ରାଧାନାଚିବ : ଅସମ୍ଭବ ଅଟକଳ।

ସଭାରେ ହାଣ୍ଡି ଭାଙ୍ଗିବା : ଗୁପ୍ତକଥା ପ୍ରଘଟ କରିବା।

ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ : ସବୁକାମ ସହଜରେ ହୁଏନାହିଁ।

ସ୍ୱର୍ଗକୁ ନିଶୁଣିନାହିଁ କି ବଡ଼ଲୋକଙ୍କୁ ଉତ୍ତରନାହିଁ : ଧନୀ ଓ ପ୍ରଭାବଶାଳୀ ଲୋକଙ୍କୁ ଅନେକ କଥା କହିହୁଏ ନାହିଁ।

ହଲିଲା ପାଣିରେ ଗୋଡ଼ନଦେବା : ଗଣ୍ଡଗୋଳରେ ନ ପଶିବା।

ହାତ ଅଳସେ ନିଶବଙ୍କା : ଅଳସୁଆ ଦୁଃଖ ପାଏ।

ହାତେମାପି ଚାଖଣ୍ଡେ ଚାଲ : ସାବଧାନ ହୋଇ କାମ କରିବା।

## କେତେକ ସାଧାରଣ ଅଶୁଦ୍ଧି

**ସାଧାରଣ ଅଶୁଦ୍ଧି :**

ସଂସ୍କୃତକୁ ମାନଦଣ୍ଡ ରୂପେ ଧରିଲେ କଥିତ ଓ ଲିଖିତ ଓଡ଼ିଆ ଭାଷାରେ ସାଧାରଣତଃ କେତେକ ଶବ୍ଦ ଅଶୁଦ୍ଧ ବିବେଚିତ ହୁଏ। ଛାତ୍ରଛାତ୍ରୀମାନେ ସଚେତନ ହୋଇ ସଂସ୍କୃତ ଅନୁସାରେ ସେଗୁଡ଼ିକର ଶୁଦ୍ଧରୂପ ଜାଣିବା ଦରକାର। କେତେକ ଉଦାହରଣ ଦିଆଗଲା।



**ସନ୍ଧିଗତ :**

| ଅଶୁଦ୍ଧ | ଶୁଦ୍ଧରୂପ |
|---|---|
| ଉଜ୍ଜ୍ୱ | ଉଜ୍ଜ୍ୱଳ |
| ଦୁରାବସ୍ତା / ଦୂରାବସ୍ଥା | ଦୁରବସ୍ଥା |
| ଦିଗାମ୍ବର | ଦିଗମ୍ବର |
| ସନ୍ୟାସ | ସନ୍ନ୍ୟାସ |
| ସାଣ୍ମାସିକ | ଷାଣ୍ମାସିକ |
| ଗଣେଷ | ଗଣେଶ |
| ନୀର୍ଜନ | ନିର୍ଜନ |
| ପ୍ରତ୍ୟେହ | ପ୍ରତ୍ୟହ |
| ପ୍ରତ୍ୟକ | ପ୍ରତ୍ୟେକ |
| ଉତ୍କର୍ଷତା | ଉତ୍କର୍ଷ |
| ସୌଜନ୍ୟତା | ସୌଜନ୍ୟ |
| ସଂକ୍ଷିପ୍ତରେ | ସଂକ୍ଷେପରେ |
| ସାବଧାନ ସହିତ | ସାବଧାନତା ସହିତ |
| ସବିନୟ ପୂର୍ବକ | ସବିନୟ ବା ବିନୟପୂର୍ବକ |
| କାର୍ପଣ୍ୟତା | କାର୍ପଣ୍ୟ / କୃପଣତା |
| ଉଜ୍ଜଳମୟ | ଉଜ୍ଜ୍ୱଳ |
| ଭୌଗଳିକ | ଭୌଗୋଳିକ |
| ପୌରହିତ୍ୟ | ପୌରୋହିତ୍ୟ |
| ମହତ୍ୱ | ମହତ୍ତ୍ୱ |
| ହୃଷ୍ଟପୃଷ୍ଟ | ହୃଷ୍ଟପୁଷ୍ଟ |

| | |
|---|---|
| ଦାଶରଥୀ | ଦାଶରଥି |
| ପାବନୀ | ପାବନି |
| ସମ୍ମାନୀୟ | ସମ୍ମାନନୀୟ |
| ଗୋଟିଏ ପିମ୍ପୁଡ଼ିଟିଏ | ଗୋଟିଏ ପିମ୍ପୁଡ଼ି / ପିମ୍ପୁଡ଼ିଟିଏ |
| ପ୍ରତ୍ୟେକ ପିଲାମାନେ | ପ୍ରତ୍ୟେକପିଲା / ପିଲାମାନେ |
| ଅଧିକାଂଶ ଲୋକମାନେ | ଅଧିକାଂଶ ଲୋକ |
| ଜନତାମାନଙ୍କର | ଜନତାର |
| ସବୁ ଲୋକମାନେ | ଲୋକମାନେ / ସବୁଲୋକ |

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ଭୂବନେଶ୍ୱର | ଭୁବନେଶ୍ୱର |
| ଭୂଲ | ଭୁଲ୍ |
| ଭୂଜ | ତ୍ରିଭୁଜ |
| ମୂଖ୍ୟ | ମୁଖ୍ୟ |
| ମୁକ | ମୂକ |
| ଆଷୀଷ | ଆଶିଷ |
| ଆରତୀ | ଆରତି |
| ଶ୍ରୀକୃଷ୍ଣ | ଶ୍ରୀକୃଷ୍ଣ |
| ଦୂର୍ଗା | ଦୁର୍ଗା |
| ବାହନ | ବାହନ |
| ସାହାସ | ସାହସ |
| ସାହାର୍ଯ୍ୟ | ସାହାଯ୍ୟ |
| କାଳିନ୍ଦୀ | କାଳିନ୍ଦୀ |
| ଦୃତଗାମୀ | ଦ୍ରୁତଗାମୀ |



| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ଆଶ୍ରୀବାନ | ଆଶୀର୍ବାଦ |
| ଶିକ୍ଷାୟତ୍ରୀ | ଶିକ୍ଷୟିତ୍ରୀ |
| ରବିନ୍ଦ୍ର | ରବୀନ୍ଦ୍ର |
| ପ୍ରତିଯୋଗୀତା | ପ୍ରତିଯୋଗିତା |
| ଯାତାୟତ | ଯାତାୟାତ |
| ଶାରିରୀକ | ଶାରୀରିକ |
| ବ୍ୟବହାରିକ | ବ୍ୟାବହାରିକ |
| ବ୍ୟାପାଯିବା | ବ୍ୟାପିଯିବା |
| ଜୀବୀତ | ଜୀବିତ |
| ଆନୁସଙ୍ଗିକ | ଆନୁଷଙ୍ଗିକ |
| ଗୋଲକ ବିହାରୀ | ଗୋଲୋକ ବିହାରୀ |
| ଲଜ୍ୟା | ଲଜ୍ଜା |
| ଧନୀକ | ଧନିକ |
| ପ୍ରଚୁର | ପ୍ରଚୁର |
| ବିଷର୍ଣ୍ଣ | ବିଷଣ୍ଣ |
| କ୍ଷୁର୍ଣ୍ଣ | ଯୁଣ୍ଣ |
| ଅବସର୍ଣ୍ଣ | ଅବସନ୍ନ |
| ଅଞ୍ଜଳୀ | ଅଞ୍ଜଳି |
| ଜଗର୍ନ୍ନାଥ | ଜଗନ୍ନାଥ |
| ଶୀକାର | ଶିକାର |
| ଅନୁସୂୟା | ଅନସୂୟା |
| ନୀଚ୍ଛ | ନୀଚ |
| ମିନତୀ | ମିନତି |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଦିପ୍ତୀ | ଦୀପ୍ତି |
| ଧୂମ୍ରପାନ | ଧୂମପାନ |
| ଧୃବ | ଧ୍ରୁବ |
| ଶୁଦ୍ର | ଶୂଦ୍ର |
| ମାର୍ଗଶୀର | ମାର୍ଗଶିର |
| ଶିର୍ଷ | ଶୀର୍ଷ |
| ଉପକାରୀତା | ଉପକାରିତା |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ |
| ଉର୍ଦ୍ଧ | ଊର୍ଦ୍ଧ୍ୱ |
| ନିର୍ଦ୍ଧନୀ | ନିର୍ଦ୍ଧନ |
| ଶୁଶୂସା | ଶୁଶ୍ରୂଷା |
| ବିସମ | ବିଷମ |
| ନିରଦ | ନୀରଦ |
| ଶଶୀଭୂଷଣ | ଶଶିଭୂଷଣ |
| ଅସ୍ତମାନ | ଅସ୍ତାୟମୀନ |
| ତରୁଛାୟା | ତରୁଚ୍ଛାୟା |
| ବିଶ୍ୱସ୍ଥ | ବିଶ୍ୱସ୍ତ |
| ଅପଦସ୍ତ | ଅପଦସ୍ଥ |
| ଉତ୍ୟକ୍ତ | ଉତ୍ତ୍ୟକ୍ତ |
| ଅହନିଶି | ଅହର୍ନିଶ |
| ଅଭଡ଼ା | ଅବଢ଼ା |
| ଶତୃଘ୍ନ | ଶତ୍ରୁଘ୍ନ |
| ନିରୋଗୀ | ନୀରୋଗ |



| ଅଶୁଦ୍ଧ | ଶୁଦ୍ଧ |
|---|---|
| ଉଣା | ଊଣା |
| ଜେଷ୍ଠ | ଜ୍ୟେଷ୍ଠ |
| ନିର୍ଦ୍ଦୋଷୀ | ନିର୍ଦ୍ଦୋଷ |
| ଅଭ୍ୟସ୍ତ | ଅଭ୍ୟସ୍ତ |
| ଋଣଗ୍ରସ୍ତ | ଋଣଗ୍ରସ୍ତ |
| ଅଧିକ୍ୟତା | ଆଧିକ୍ୟ |
| ଆବଶ୍ୟକୀୟ | ଆବଶ୍ୟକ |
| ଶ୍ରେଷ୍ଠତମ | ଶ୍ରେଷ୍ଠ |
| ନୀରୋଦ | ନୀରଦ |
| ଐକ୍ୟତା | ଐକ୍ୟ |
| ଅନୁବାଦିତ | ଅନୂଦିତ |
| ଅପରାହ୍ନ | ଅପରାହ୍‌ଣ |
| ମଧ୍ୟାହ୍‌ଣ | ମଧ୍ୟାହ୍ନ |
| ପୁରଷ୍କାର | ପୁରସ୍କାର |
| ସଚରାଚର ସହ | ସଚରାଚର |
| ସକୁଟୁମ୍ବ ସହିତ | ସକୁଟୁମ୍ବ |